ବର୍ଷ-୨୬, ସଂଖ୍ୟା-୯୫
ଭୁବନେଶ୍ୱର
୦୮, ଏପ୍ରିଲ ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No.95
Bhubaneswar
08 April, 2026 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ଚଳଚ୍ଚିତ୍ର ପ୍ରଯୋଜକ ରବି ସ୍ୱାଇଁଙ୍କ ପରଲୋକ

## ଏଥର ମୌସୁମୀରେ ସ୍ୱାଭାବିକ ବର୍ଷା

ଭୁବନେଶ୍ୱର,୭।୪(ମହାଭାରତ): ଆସନ୍ତା ମୌସୁମୀକୁ ନେଇ ଦୀର୍ଘକାଳୀନ ଆକଳନ ଆରମ୍ଭ ହୋଇଯାଇଛି। କିଛି ଆକଳନ ଅନୁଯାୟୀ, ମୌସୁମୀ ଋତୁରେ ଏଥର କମ୍ ବର୍ଷିବ ବୋଲି କୁହାଯାଉଥିଲା। ହେଲେ ଏବେ ଆଇଏମ୍‌ଡି, ୟୁରୋପୀୟ ପାଣିପାଗ ସଂସ୍ଥା ଇସିଏମ୍‌ଡବ୍ଲ୍ୟୁଏଫ୍, ଆମେରିକାର ଜିଏଫ୍‌ଏସ୍, କଲମ୍ବିଆ ବିଶ୍ୱବିଦ୍ୟାଳୟ ଆଇଆର୍‌ଆର୍‌ର ଅତ୍ୟାଧୁନିକ ମଡେଲଗୁଡ଼ିକର ସମନ୍ୱୟରେ ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ରନାଥ ପଶୁପାଳକ ଦେଇଥିବା ଆକଳନ ଅନୁଯାୟୀ, ମୌସୁମୀ ମେ' ୩୧ରୁ ଜୁନ୍ ୨ ମଧ୍ୟରେ କେରଳରେ ପହଞ୍ଚିବ। ଏହାପରେ ମୌସୁମୀ ସାଧାରଣ ଗତିରେ ଆଗେଇବ ଏବଂ ଜୁନ୍ ୧୦ରୁ ୧୫ ମଧ୍ୟରେ ଓଡ଼ିଶାରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଓଡ଼ିଶାରେ ଏଥର ବର୍ଷା ସ୍ୱାଭାବିକ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବର୍ଷାର ପରିମାଣ ସ୍ୱାଭାବିକ ରହିଲେ ମଧ୍ୟ ଏହାର ବଣ୍ଟନ ଅନିୟମିତ ହୋଇପାରେ। ଅର୍ଥାତ୍ ଅଳ୍ପ ସମୟରେ ଅଧିକ ବର୍ଷା ପରେ କିଛିଦିନର ବ୍ୟବଧାନ ଦେଖା ଦେଇପାରେ। ଜୁନ୍ ମାସରେ ସାମାନ୍ୟ କମ୍ ବା ସ୍ୱାଭାବିକ ବର୍ଷା ହୋଇପାରେ। କିନ୍ତୁ ଜୁଲାଇ ଓ ଅଗଷ୍ଟରେ ବଙ୍ଗୋପସାଗରରୁ ଆସୁଥିବା ଜଳୀୟବାଷ୍ପ ଯୋଗୁଁ ବର୍ଷା ସ୍ୱାଭାବିକ ରହିବ। ଡ. ପଶୁପାଳକ ଆକଳନ କରି କହିଛନ୍ତି, ୨୦୨୬ରେ ମୌସୁମୀ ଏକ 'ନ୍ୟୁଟ୍ରାଲରୁ ଏଲ୍-ନିନୋ' ପରିବର୍ତ୍ତନ ସମୟ ଦେଇ ଗତି କରୁଛି। ଏଲ୍-ନିନୋ ସଦର୍ନ ଅସିଲେସନ୍ ବର୍ତ୍ତମାନ ନ୍ୟୁଟ୍ରାଲ୍ (ତଟସ୍ଥ) ଅବସ୍ଥାରେ ଅଛି। ତେବେ ଅଧିକାଂଶ ଗ୍ଲୋବାଲ୍ ମଡେଲ୍ ଅନୁଯାୟୀ ଜୁନ୍-ଜୁଲାଇ ୨୦୨୬ରୁ ଏଲ୍-ନିନୋ ସୃଷ୍ଟି ହେବାର ସମ୍ଭାବନା ପ୍ରାୟ ୬୦% ପର୍ଯ୍ୟନ୍ତ ବଢ଼ିବାରେ ଲାଗିଛି।

## ଉତ୍ପାଦନ ବୃଦ୍ଧି କରିବାକୁ ଖଣି ଲିଜ୍‌ଧାରୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୭।୪(ମହାଭାରତ): ରାଜ୍ୟରେ ଲୁହାପଥର ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କ ଅଧକ୍ଷତାରେ ଆଜି ଖଣି ଲିଜ୍‌ଧାରୀ ଓ ଶିଳ୍ପପତି ମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।

ଲୋକସେବା ଭବନ ଠାରେ ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ, ରାଜ୍ୟରେ ଶିଳ୍ପାୟନ ଏବଂ ଦେଶରେ ଲୁହାପଥରର ଚ଼ାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଧିକ ପରିମାଣରେ ଲୁହାପଥର ଉତ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ରହିଛି ବୋଲି ମୁଖ୍ୟମନ୍ତ୍ରୀ, ଶିଳ୍ପପତି ଓ ଶିଳ୍ପ ପ୍ରତିନିଧି ମାନଙ୍କୁ ଆଶ୍ୱାସନା ଦେଇଥିଲେ।

ଉତ୍ପାଦନ ଓ ଡେସ୍‌ପ୍ୟାଚ୍ ପ୍ରତି ଗୁରୁତ୍ୱ ଦେଇ ଗଉଚଇ ଅନୁଯାୟୀ ସର୍ବନିମ୍ନ ବାଧ୍ୟତାମୂଳକ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁଯାୟୀ ଏହାକୁ ବୃଦ୍ଧି କରିବା ପାଇଁ ଆଲୋଚ଼ନା ହୋଇଥିଲା।



ରାଜ୍ୟରେ ଖଣି ବହୁଳ ଜିଲ୍ଲା ଗୁଡିକରେ ଶିଳ୍ପ ସଂଖ୍ୟା ବହୁତ କମ ରହୁଛି। ତେଣୁ ସେସବୁ ଜିଲ୍ଲା ଗୁଡିକରେ ଶିଳ୍ପାନୁଷ୍ଠାନ ଗଢିବା ପାଇଁ ମୁଖ୍ୟମନ୍ତ୍ରୀ ଶିଳ୍ପପତି ମାନଙ୍କୁ ଆହ୍ୱାନ ଦେଇଥିଲେ।

ଲୁହାପଥର ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକୀୟ ସମସ୍ତ ସୁବିଧା ସୁଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ କହିଥିଲେ। ଏଥି ସହିତ ଶିଳ୍ପପତି ମାନେ ସ୍ଥାନୀୟ ବାସିନ୍ଦାଙ୍କର ମୌଳିକ ଆବଶ୍ୟକତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ କହିଥିଲେ।

ଶିଳ୍ପ ପ୍ରତିଷ୍ଠା ପାଇଁ ବାଧ୍ୟତାମୂଳକ ବନୀକରଣ କ୍ଷେତ୍ରରେ ବିଭିନ୍ନ ଜିଲ୍ଲାରେ ଅଧିକୃତ ଜମି ସମ୍ପର୍କରେ ସୂଚ଼ନା ପ୍ରଦାନ ପାଇଁ ଏକ ଡାଟାବେସ୍ ପ୍ରସ୍ତୁତ କରାଯାଉଛି, ଯାହା ଜରିଆରେ କେଉଁ ଜିଲ୍ଲାରେ କେତେ ଜମି ଉପଲବ୍ଧ ଅଛି ଖଣି ଲିଜ୍‌ଧାରୀ ଓ ଶିଳ୍ପପତିମାନେ ସେ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଖଣି ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୬-୨୭ ବର୍ଷ ପାଇଁ ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ ଖଣିଜ ବ୍ଲକର ନିଲାମ ପ୍ରକ୍ରିୟା କରାଯିବ ବୋଲି ସୂଚ଼ନା ଦିଆଗଲା। ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନର ଅଧ୍ୟକ୍ଷ ତଥା ସାଂସଦ ଶ୍ରୀ ନବୀନ ଜିନ୍ଦଲ ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ଓ ପ୍ରତିବଦ୍ଧତା ଭାବ ପାଇଁ ଧନ୍ୟବାଦ ଦେଇଥିଲେ।

ବୈଠକରେ ମୁଖ୍ୟ ଶାସନ ସଚ଼ିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଶାଶ୍ୱତ ମିଶ୍ର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକରେ ଟାଟା ଷ୍ଟିଲ୍‌ର ସିଇଓ ତଥା ପରିଚ଼ାଳନା ନିର୍ଦ୍ଦେଶକ ଶ୍ରୀ ଟି ଭି ନରେନ୍ଦ୍ରନ, ଇଣ୍ଡିଆନ ଷ୍ଟିଲ୍ ଆସୋସିଏସନର ମହାସଚ଼ିବ ଆଲୋକ ସହାୟ, ଜେ ଜେଏସଡବ୍ଲୁର ସଭାପତି ଶ୍ରୀ ଅନୀଲ କୁମାର ସିଂ ଏଏମଏନଏସ୍ ଇଣ୍ଡିଆର ନିର୍ଦ୍ଦେଶକ ଆଲୋକ କୁମାର ମେହେଟ୍ଟା, ଓଏମ୍‌ସିର ଅଧ୍ୟକ୍ଷ ଗିରିଶ ଏସ୍ ଏନ୍, ପରିଚ଼ାଳନା ନିର୍ଦ୍ଦେଶକ ସୁଧାଂଶୁ ସାମଲ ଏବଂ ଅନ୍ୟାନ୍ୟ ପ୍ରମୁଖ ଶିଳ୍ପ ପ୍ରତିନିଧି ମାନେ ଯୋଗଦେଇଥିଲେ।

## ମଣିପୁରରେ ପୁଣି ଅଶାନ୍ତି

ଇମ୍ଫାଲ,୭।୪(ମହାଭାରତ): ହିଂସାଗ୍ରସ୍ତ ମଣିପୁରରେ ମଧ୍ୟ ଆତଙ୍କବାଦୀ ସଂଗଠନ ସକ୍ରିୟ ହୋଇପଡ଼ିଛି। ହିଂସାଗ୍ରସ୍ତ ରାଜ୍ୟରେ ଆତଙ୍କବାଦୀ ଆକ୍ରମଣର ଏକ ନୂତନ ଘଟଣା ସାମ୍ନାକୁ ଆସିଛି। ଦୁଇ ଛୋଟ ପିଲାଙ୍କ ମୃତ୍ୟୁ ଏବଂ ସେମାନଙ୍କ ମାଆ ଆହତ ହୋଇଛନ୍ତି। ଆହତ ମହିଳାଙ୍କୁ ଚ଼ିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ତାଙ୍କର ଚ଼ିକିତ୍ସା ଚ଼ାଲିଛି। ଏହି ଘଟଣା ବିଷ୍ଣୁପୁର ଜିଲ୍ଲାରେ ଘଟିଛି।

ରିପୋର୍ଟ ଅନୁଯାୟୀ କୁକି ଆତଙ୍କବାଦୀମାନେ ଏପ୍ରିଲ ୬ ଏବଂ ୭ ତାରିଖ ରାତି ପ୍ରାୟ ୧ଟା ସମୟରେ ବିଷ୍ଣୁପୁର ଜିଲ୍ଲାର ଏକ ଘର ଉପରେ ବୋମା ମାଡ଼ କରିଥିଲେ। ଏହି ଆକ୍ରମଣରେ ଜଣେ ପାଞ୍ଚ ବର୍ଷର ପୁଅ ଏବଂ ଜଣେ ଛଅ ମାସର ଝିଅର ମୃତ୍ୟୁ ହୋଇଛି। ଏହି ପିଲାମାନଙ୍କ ମାଆ ଆହତ ହୋଇଥିବା ଜଣାପଡ଼ିଛି। ବୋମା ଆକ୍ରମଣ ସମୟରେ ମହିଳା ତାଙ୍କ ଦୁଇ ପିଲାଙ୍କ ସହିତ ଘରେ ଶୋଇଥିଲେ।

ଘରେ ବୋମା ବିସ୍ଫୋରଣ ହେବା ସମୟରେ ତିନି ଜଣ ଶୋଇଥିଲେ। ସେମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ଉଭୟ ପିଲାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାଟି ବିଷ୍ଣୁପୁର ଜିଲ୍ଲାର ମୋଇରାଙ୍ଗ ଟ୍ରୋଙ୍ଗଲାଓବି ଗାଁରେ ଘଟିଥିବା ଜଣାପଡ଼ିଛି। ଏହି ଗ୍ରାମ ଚୁରାଚ଼ାନ୍ଦପୁର ନିକଟରେ ଅବସ୍ଥିତ। ମଣିପୁର ହିଂସା ପରଠାରୁ ଏହି ସୀମାନ୍ତ ଅଞ୍ଚଳ କୁକି ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି।

ମୋଇରାଙ୍ଗ ଟ୍ରୋଙ୍ଗଲାଓବି ଗାଁରେ ଗୁଳିକାଣ୍ଡ ଘଟଣା ବାରମ୍ବାର ଘଟୁଛି। ଏହି ଅଞ୍ଚଳର ଭାରତୀୟ ଜନତା ପାର୍ଟି (ବିଜେପି) ବିଧାୟକ ଟି.ଏଚ୍. ଶାନ୍ତି ସିଂହ ଟ୍ରୋଙ୍ଗଲାଓବିରେ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଛନ୍ତି। ସେ ଦାବି କରିଛନ୍ତି ଯେ ଏହି ଆକ୍ରମଣ କୁକି ନାର୍କ-ଆତଙ୍କବାଦୀଙ୍କ ଦ୍ୱାରା କରାଯାଇଥିଲା। ବିଧାୟକ କହିଛନ୍ତି ଯେ ଏହି ଘୃଣ୍ୟ ଘଟଣା ଆତଙ୍କବାଦର ଏକ କାର୍ଯ୍ୟ ଏବଂ ସମାଜରେ ଏପରି ଘଟଣାର କୌଣସି ସ୍ଥାନ ନାହିଁ।

## ପଶ୍ଚିମବଙ୍ଗ ଭୋଟର ତାଲିକାରୁ ୯୧ ଲକ୍ଷ ନାମ କଟିଲା

ନୂଆଦିଲ୍ଲୀ,୭।୪(ମହାଭାରତ): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚ଼ନର ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପ୍ରକ୍ରିୟା ଶେଷ ହେବା ପରେ, ନିର୍ବାଚ଼ନ କମିଶନଙ୍କ ଦ୍ୱାରା ଜାରି ସଂଶୋଧିତ ତାଲିକା ଅନୁଯାୟୀ ମୋଟ ୯୦,୮୩,୩୪୫ ନାମ ହଟାଇ ଦିଆଯାଇଛି। ଜିଲ୍ଲାସ୍ତରୀୟ ତାଲିକା ଜାରି କରିବା ସହ କମିଶନ ଏବେ ଭୋଟର ତାଲିକାକୁ 'ଫ୍ରିଜ୍' କରିଦେଇଛନ୍ତି, ଅର୍ଥାତ୍ ମତଦାନ ପୂର୍ବରୁ ଏଥିରେ ଆଉ କୌଣସି ନୂଆ ନାମ ଯୋଡ଼ା ଯାଇପାରିବ ନାହିଁ।

କମିଶନଙ୍କ ବିଶ୍ଳେଷଣ ଅନୁଯାୟୀ, ବିଶେଷ ଗହନ ପୁନରୀକ୍ଷଣ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ବଙ୍ଗଳାରେ ମୋଟ ୭,୬୬,୩୭,୫୨୯ ଭୋଟର ଥିଲେ। ଫେବୃଆରୀ ୨୮ରେ ପ୍ରକାଶିତ ପ୍ରଥମ ତାଲିକାରେ ପ୍ରାୟ ୬୩.୬୬ ଲକ୍ଷ ନାମ ହଟାଯାଇଥିବା ବେଳେ ୬୦,୦୬,୬୭୫ ନାମକୁ 'ବିଚ଼ାରାଧୀନ' ଶ୍ରେଣୀରେ ରଖାଯାଇଥିଲା। ସୋମବାର ଏହି ନାମଗୁଡ଼ିକର ସମାଧାନ କରି କମିଶନ ସ୍ପଷ୍ଟ କରିଛନ୍ତି ଯେ, ସେମାନଙ୍କ ମଧ୍ୟରୁ ୨୭,୧୬,୩୯୩ ଜଣ ଅଯୋଗ୍ୟ ବିବେଚ଼ିତ ହୋଇଛନ୍ତି ଏବଂ ୩୨,୬୮,୧୧୯ ଜଣଙ୍କୁ ଯୋଗ୍ୟ ମାନି ତାଲିକାରେ ପୁନଃସ୍ଥାପିତ କରାଯାଇଛି। ବର୍ତ୍ତମାନ ରାଜ୍ୟରେ



ମୋଟ ଭୋଟର ସଂଖ୍ୟା ୬,୭୭,୨୦,୭୨୮ କୁ ଖସି ଆସିଛି।

ଏହି 'ମହା-ଶୁଦ୍ଧିକରଣ'ର ସବୁଠାରୁ ବଡ଼ ପ୍ରଭାବ ସୀମାନ୍ତବର୍ତ୍ତୀ ଏବଂ ଜନବହୁଳ ଜିଲ୍ଲାଗୁଡ଼ିକରେ ଦେଖିବାକୁ ମିଳିଛି। କୁଚ଼ବିହାର, ଉତ୍ତର ଦିନାଜପୁର, ମାଲଦା, ମୁର୍ଶିଦାବାଦ, ନଦିଆ, ଉତ୍ତର ଏବଂ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରେ ବହୁ ସଂଖ୍ୟାରେ ନାମ କଟାଯାଇଛି। ମାଲଦା: ୮.୨୮ ଲକ୍ଷ ବିଚ଼ାରାଧୀନ ମାମଲା ମଧ୍ୟରୁ ୫.୮୮ ଲକ୍ଷଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ମୁର୍ଶିଦାବାଦ: ମୋଟ ୭.୪୮ ଲକ୍ଷରୁ ଅଧିକ ନାମ ତାଲିକାରୁ ବାଦ୍ ପଡ଼ିଛି। ଉତ୍ତର ୨୪ ପ୍ରଗଣା: ଏପର୍ଯ୍ୟନ୍ତ ୧୨.୬୦ ଲକ୍ଷରୁ ଅଧିକ ନାମ କଟାଯାଇଛି। ଉତ୍ତର ଦିନାଜପୁର: ୪.୮୦ ଲକ୍ଷ ମାମଲା ମଧ୍ୟରୁ ୩.୦୨ ଲକ୍ଷ ଲୋକ ଅଯୋଗ୍ୟ ସାବ୍ୟସ୍ତ ହୋଇଛନ୍ତି। କଲିକତା ଭଳି ସହରାଞ୍ଚଳରେ ଏହାର ପ୍ରଭାବ କମ୍ ରହିଛି। ଦକ୍ଷିଣ କଲିକତାରୁ ୨.୪୯ ଲକ୍ଷ ଏବଂ ଉତ୍ତର କଲିକତାରୁ ୪.୪୭ ଲକ୍ଷ ନାମ ହଟାଯାଇଛି। ୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ପାଇଁ ଏପ୍ରିଲ ୨୩ ଏବଂ ଏପ୍ରିଲ ୨୯ ରେ ଦୁଇଟି ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ୧୫୨ଟି ଆସନ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୪୨ଟି ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ। ମଇ ୪ ତାରିଖରେ ନିର୍ବାଚ଼ନ ଫଳାଫଳ ପ୍ରକାଶ ପାଇବ।

## ବିଦ୍ୟାଳୟମାନଙ୍କ ପାଇଁ ଅଧିକ ଜମି ଅଧିଗ୍ରହଣ କରାଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୪(ମହାଭାରତ): ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରକଳ୍ପର କଳେବର ସମ୍ପର୍କରେ ମଙ୍ଗଳବାର ଲୋକସେବା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପାଇଁ ଜାଗା ନିରୁପଣ, ବିଦ୍ୟାଳୟ ବିଲ୍‌ଡିଂର ଢାଂଚା ସମେତ ଖେଳ ପଡିଆ ନିର୍ମାଣ, ମଲ୍ଟି ପର୍ପଜ ହଲ ନିର୍ମାଣ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଦ୍ୟାଳୟମାନଙ୍କ ପାଇଁ ଅଧିକ ଜମି ଅଧିଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଠକରେ କହିଥିଲେ। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଳା ନାଏକ. ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଅନୁପମ୍ ସାହା, ଓସେପା ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ଯାଜପୁର ନେତାଙ୍କ ବୈଠକ

ଭୁବନେଶ୍ୱର,୭।୪(ମହାଭାରତ): ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ସରକାରୀ ବାସଭବନରେ ଯାଜପୁର ନେତା ଏକାଠି ହୋଇଛନ୍ତି। ଭଦ୍ରକର ମଣ୍ଡଳ ଦମ୍ପତିଙ୍କୁ ଦଳରୁ ସସପେଣ୍ଡ ପରେ ଯାଜପୁର ସଂଗଠନକୁ ନେଇ ବଡ଼ ବୈଠକ ବସିଛି।



ବୈଠକରେ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ସହ ପ୍ରଣବ ପ୍ରକାଶ ଦାସ, ଶର୍ମିଷ୍ଠା ସେଠୀ, ବରି ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ସୁକିନ୍ଦା ପୂର୍ବତନ ବିଧାୟକ ପ୍ରୀତି ରଞ୍ଜନ ଘଡାଇ, ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମେତ ବହୁ ନେତା ଉପସ୍ଥିତ ହୋଇଥିଲେ। ତେବେ ବୈଠକ ପରେ ବିଧାନସଭା ଚାଲି ଥିବାରୁ ସବୁ ଯାଜପୁର ନେତା ଏକାଠି ବସି ପାରୁ ନଥିଲେ। ପ୍ରତି ମାସ ଏପରି ବୈଠକ ବସେ। ସଂଗଠନ ନେଇ ଆଲୋଚନା ହେଲା। ଯାଜପୁରରେ ବିଜେଡି ମଜବୁତ ଅଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ନେତା ନିଲମ୍ବନ ହେଉଛନ୍ତି। ଯାହା ଦଳକୁ ଶକ୍ତିଶାଳୀ କରୁଛି। ଲୋକେ ବିଜେପି ଉପରୁ ମୁହଁ ଫେରାଇଲେଣି। ସରକାର କେମିତି ଚାଲିବ, ସେ ଦିଗରେ ବିଜେପି ଧ୍ୟାନ ଦେଉ। ତଳ ସ୍ତରର ଟାଉଟର ଓ ଦଲାଲଙ୍କୁ ବିଜେପିରେ ସାମିଲ କଲେ କିଛି ଲାଭ ହେବ ନାହିଁ ବୋଲି ବରି ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ

ଭୁବନେଶ୍ୱର,୭।୪(ମହାଭାରତ): କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କୁ ଭେଟିଛନ୍ତି। କେନ୍ଦ୍ର ମନ୍ତ୍ରୀ ତିନୋଟି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚ଼ନା କରିଛନ୍ତି। ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ, ରାଉରକେଲା ବିମାନ ବନ୍ଦର ସଂପ୍ରସାରଣ ଏବଂ ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ଆଲୋଚ଼ନା ହୋଇଛନ୍ତି। ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ସରକାରଙ୍କ ସହିତ ଆଲୋଚ଼ା ହୋଇଛି। ଏଥିପାଇଁ ପୂର୍ବରୁ ମଧ୍ୟ ଉଚ୍ଚ଼ ସ୍ତରୀୟ ବୈଠକ ବସିଥିଲା। କାମର ଅଗ୍ରଗତି ଥିବା କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେହିପରି ରାଉରକେଲା ବିମାନ ବନ୍ଦର ସଂପ୍ରସାରଣ ପାଇଁ ଜମି ଅଧିଗ୍ରହଣ ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚ଼ନା ରହିଛି। ଆସନ୍ତା ୨୧ ତାରିଖରେ ରାଷ୍ଟ୍ରପତି ଦ୍‌ରୌପଦୀ ମୁର୍ମୁ ଦିନିକିଆ ରାଉରକେଲା ଗସ୍ତରେ ଆସି ପାରନ୍ତି। ଏହା ଚୂଡ଼ାନ୍ତ ହୋଇ ନାହିଁ। ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀ ଶ୍ରୀଯୁକ୍ତ ଓରାମଙ୍କ ମଧ୍ୟରେ ଆଲୋଚ଼ନା ହୋଇଛି।

## ସବୁ ଯୋଗାଯୋଗ ଛିନ୍ନ କଲା ଇରାନ

ତେହେରାନ,୭।୪: ଯୁଦ୍ଧ ବନ୍ଦର ସବୁ ଆଶାରେ ପୂର୍ଣ୍ଣଚ୍ଛେଦ ଟାଣିଛି ଇରାନ। ଆମେରିକା ସହ ଚ଼ାଲିଥିବା ସମସ୍ତ କୂଟନୀତିକ ଓ ପରୋକ୍ଷ ଯୋଗାଯୋଗକୁ ଆଜି ଇରାନ ବିଧିବଦ୍ଧ ଭାବେ ଚ଼ଛିନ୍ନ କରିଦେଇଛି। ଏକାଧିକ ରାଷ୍ଟ୍ର ମଧ୍ୟସ୍ଥି ସାଜି ବିବାଦର ସମାଧାନ କରିବାକୁ ଚ଼ାହୁଁଥିଲେ ହେଁ ଆମେରିକାର କୌଣସି ସର୍ତ୍ତରେ ଇରାନ ରାଜି ହେବ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଛି।

ବେଶ କିଛି ଦିନ ହେବ ମଧ୍ୟସ୍ଥିଙ୍କ ଜରିଆରେ ଦୁଇ ପକ୍ଷ ବାର୍ତ୍ତା ଆଦାନ ପ୍ରଦାନ କରୁଥିଲେ। କିନ୍ତୁ ଆଜି ସେସବୁ ମଧ୍ୟ ବନ୍ଦ ହୋଇ ଯାଇଛି। ଏ ସମ୍ପର୍କରେ ଇରାନ ମଧ୍ୟସ୍ଥି ସାଜିଥିବା ପାକିସ୍ତାନକୁ ମଧ କହି ସାରିଛି। ଇରାନର ଏପରି ଆଭିମୁଖ୍ୟ ଯୁଦ୍ଧକୁ ଆହୁରି ତୀବ୍ର କରିବ। ଏହାକୁ ଦୃଷ୍ଟିରେ ଭାରତ ପକ୍ଷରୁ ଇରାନରେ ରହୁଥିବା ଭାରତୀୟଙ୍କୁ ୪୮ ଘଣ୍ଟା ପାଇଁ ଘର ଭିତରେ ରହିବାକୁ ପରାମର୍ଶ ଦିଆଯାଇଛି। ସେମାନଙ୍କୁ ସମସ୍ତ ବୈଦ୍ୟୁତିକ, ସାମରିକ ଓ ବିଲଡିଂର ଉପର ମହଲାକୁ ନ ଯିବାକୁ କୁହାଯାଇଛି।



ସେହିପରି ଜାତୀୟ ରାଜପଥର ବ୍ୟବହାର ଦୂତାବାସ ସହ ଯୋଗାଯୋଗ କରି ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଷ୍ଟ୍ରେଟ୍ ଅଫ ହର୍ମୁଜ ଖୋଲିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଆଗରେ ରଖିଥିବା କଣ୍ଟ ଆଉ କିଛି ଘଣ୍ଟା ପରେ ପୂରା ହେବ। ସେହିପରି ଟ୍ରମ୍ପ ମଧ୍ୟ ଆଜି ରାତିରେ ଇରାନ ସଭ୍ୟତାକୁ ଶେଷ କରିବେ ବୋଲି ଧମକ ଦେଇଛନ୍ତି। ଗୋଟିଏ ପଟେ ମହଲତ ପୂରିବାକୁ ଯାଉଥିବା ବେଳେ ଅନ୍ୟ ପଟେ ଟ୍ରମ୍ପଙ୍କ ବୟାନବାଜୀ ତୀବ୍ର ହୋଇଛି। ଏପରି ଏକ ସ୍ଥିତିରେ ଦେଶ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ଥିବା କହିଛନ୍ତି ଇରାନୀୟ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ। ସେ ଓ ଦେଶର ୧୪ ମିଲିୟନ ଲୋକ ଯୁଦ୍ଧରେ ମରିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ସେ କହିଛନ୍ତି, "୧୪ ମିଲିୟନରୁ ଅଧିକ ଇରାନୀୟ ଲୋକ ନିଜ ଆଡୁ ଏହି ଯୁଦ୍ଧରେ ବଳିଦାନ ଦେବାକୁ ପ୍ରସ୍ତୁତ ଥିବା ଘୋଷଣା କରିଛନ୍ତି। ମୁଁ ମଧ୍ୟ ଇରାନ ପାଇଁ ସଦାସର୍ବଦା ବଳିଦାନ ଦେବାକୁ ପ୍ରସ୍ତୁତ ଅଛି ଓ ରହିବି।" ଏହାପୂର୍ବରୁ ଟ୍ରମ୍ପ କହିଥିଲେ ଯେ "ଆଜି ରାତିରେ ଗୋଟିଏ ପୂରା ସଭ୍ୟତାର ଅନ୍ତ ହୋଇଯିବ।

## ଗୋ ମାଫିଆଙ୍କ ବିରୋଧରେ ବଡ଼ ଚଢାଉ

### ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସହ ମାରଣାସ୍ତ୍ର ଜବତ

ଭୁବନେଶ୍ୱର/ଭଦ୍ରକ,୭।୪(ମହାଭାରତ): ଆଜି ପୂର୍ବାଞ୍ଚଳର ତିନୋଟି ଜିଲ୍ଲାରେ ଗୋରୁ ମାଫିଆଙ୍କ ବିରୋଧରେ ପୋଲିସ ପକ୍ଷରୁ ବଡ଼ ଧରଣର ଚ଼ଢ଼ଉ କରାଯାଉଛି। ଡିଆଇଜି ପିନାକ ମିଶ୍ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର, ଭଦ୍ରକ ଏବଂ ମୟୁରଭଞ୍ଜ ଜିଲ୍ଲା ଏସପିଙ୍କ ମିଳିତ ପ୍ରୟାସରେ ୩୨ଟି ସ୍ଥାନରେ ଚ଼ଢ଼ଉ କରାଯାଇଛି। ପୂର୍ବାହ୍ନ ସାଢେ ଏଗାରଟା ସୁଦ୍ଧା ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଛି। ଗଣତି ଜାରି ରହିଥିବାବେଳେ ଆଗକୁ ଏହି ଜବତ ଟଙ୍କାର ପରିମାଣ ବୃଦ୍ଧି ପାଇବ ବୋଲି ଡିଆଇଜି ଶ୍ରୀଯୁକ୍ତ ମିଶ୍ର ସାମ୍ବାଦିକ ସମ୍ମିଳନୀରେ ସୂଚ଼ନା ପ୍ରଦାନ କରିଛନ୍ତି। ଡିଆଇଜିଙ୍କ ସୂଚ଼ନା ମୁତାବକ, ବେଆଇନ ଗୋ-ଚ଼ାଲାଣ ଅଭିଯୋଗରେ ଭଦ୍ରକ, ବାଲେଶ୍ୱର ଓ ମୟୁରଭଞ୍ଜରେ ଆଜି ଏକକାଳୀନ ୩୨ଟି ସ୍ଥାନରେ ଚ଼ଢ଼ଉ କରାଯାଉଛି। ମୋଟ ୧୮ଟି ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିବାବେଳେ ୮ ଜଣ ଅତିରିକ୍ତ ଏସପି, ୧୭ ଜଣ ଡିଏସପି ରାଙ୍କର ଅଫିସର, ୨୫ ଜଣ ଇନସ୍ପେକ୍ଟର, ୬୭ ଜଣ ଏସଆଇ ଏବଂ ଏଏସଆଇ ନିୟୋଜିତ ହୋଇଛନ୍ତି। ଖବର ଲେଖା ହେବା ସୁଦ୍ଧା ଚ଼ଢ଼ଉ ବେଳେ ୫୦ରୁ ଉର୍ଦ୍ଧ୍ୱ ନଗଦ ରାଶି, ବିପୁଳ ପରିମାଣରେ ସୁନା ଓ ରୁପା ଗହଣା (ଆକଳନ ଚ଼ାଲିଛି), ବେଆଇନ ଅସ୍ତ୍ରଶସ୍ତ୍ର, ଏକାଧିକ ଚ଼ାରି ଚ଼କିଆ ଯାନ ଜବତ ହୋଇଛି। ସମସ୍ତ ଗାଡ଼ିଗୁଡ଼ିକର କାଗଜପତ୍ର ଯାଞ୍ଚ ରହିଛି।

ଭଦ୍ରକର ଗୋ ମାଫିଆଙ୍କ ଘରେ ଚ଼ଢ଼ାଉ କରିଛି ପୋଲିସ ,ଚ଼ଢ଼ାଉ କରି ସମସ୍ତ ଘର ରେଡ କରୁଛି ଭଦ୍ରକ ପୋଲିସ। ୮ଟି ସ୍ଥାନରେ ଚ଼ାଲିଛି ଚ଼ଢ଼ାଉ। ଭଦ୍ରକ ଏସପି ମନୋଜ୍ କୁମାର ରାଉତଙ୍କ ନିର୍ଦ୍ଦେଶରେ ପୁରୁଣା ବଜାର ଥାନାର ସନ୍‌ଥିଆ, ଗ୍ରାମାଞ୍ଚଳ ଥାନାର ଗୁଜି ଦରଡା ଅଞ୍ଚଳରେ ଚ଼ଢାଉ ଜାରି ରହିଛି। ବେଆଇନ ଗୋ ଚ଼ାଲାଣ ନେଇ ଏହି ଚ଼ଢ଼ାଉ କରାଯାଇଥିବା ସୂଚ଼ନା ରହିଛି। ସନ୍‌ଥିଆରେ ଚ଼ଢ଼ାଉ ସମୟରେ ନଗଦ ଟଙ୍କା, ଗହଣା ସହ ସମ୍ପତ୍ତି ଯାଞ୍ଚ ଚ଼ାଲିଛି। ବିପୁଳ ଟଙ୍କା ଓ ସୁନା ଗହଣା ଠାବ ହୋଇଛି। ବନ୍ଧୁକ, ଭୁଜାଲି ସହ ବିଭିନ୍ନ ମାରଣାସ୍ତ୍ର ଜବତ କରିଛି ଭଦ୍ରକ ପୋଲିସ। ସନ୍‌ଥିଆର ଦୁଇଟି ସ୍ଥାନ, ନଙ୍ଗାମହଲା, ଅଲାଲପୁର ଓ ଗୁଜିଦରଡାର ୩ଟି ସ୍ଥାନରେ ମାରାଥନ୍ ରେଡ୍ ଚ଼ାଲିଛି। ଏଥିରେ ୬ ପ୍ଲାଟୁନ୍ ଫୋର୍ସ, ୨ ଜଣ ଡିଏସପି ଓ ୧୦ଜଣ ଇନସ୍ପେକ୍ଟର ନିୟୋଜିତ ହୋଇଛନ୍ତି।



ପୋଲିସ ଚ଼ଢାଉ ବେଳେ ଅଲାଲପୁରରେ ଗୋମାଫିଆ ଫେରାର ମାରିଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ୨୦ ଲକ୍ଷ ଟଙ୍କା ଜବତ ହୋଇଥିବା ଏସପି ଶ୍ରୀ ରାଉତ ସୂଚ଼ନା ଦେଇଛନ୍ତି। ଏବେ ବି ଚ଼ଢ଼ାଉ ଜାରି ରହିଥିବା ବେଳେ ସୁନା ଗହଣା ଓ ସମ୍ପତ୍ତିର ଆକଳନ ଚ଼ଳାଇଛି ପୋଲିସ ଓ ମାଜିଷ୍ଟ୍ରେଟ ପାହ୍ୟା ଅଧିକାରୀ। ୮ଟି ସ୍ଥାନରେ ଏକକାଳୀନ ଚ଼ଢ଼ାଉ ସମୟରେ ସନ୍‌ଥିଆରେ ୫ ଜଣ ଗୋ ମାଫିଆଙ୍କୁ ଅଟକ ରଖିଛି ପୋଲିସ୍। ମୋଟ ୮ ଜଣ ଗୋ ମାଫିଆଙ୍କ ଘରେ ଚ଼ଢ଼ାଉ କରାଯାଉଥିବା ବେଳେ ପୋଲିସ ସୁରକ୍ଷା ଦୃଷ୍ଟିରୁ ଅନେକ ତଥ୍ୟ ସାର୍ବଜନୀନ କରିବାକୁ ପୋଲିସ ମନା କରିଛି। ସନ୍‌ଥିଆ, ନଙ୍ଗାମହଲା, ଅଲାଲପୁର, ଗୁଜିଦରଡ଼ାରେ ପୁଲିସ୍ ଆଜି ରେଡ୍ କରିଥିବା ସୂଚ଼ନା ମିଳିଛି। ମାଫିଆ ମାନଙ୍କ ନିକଟରୁ ବନ୍ଧୁକ, ଖଣ୍ଡା ସହ ନଗଦ ୨୦ ଲକ୍ଷ ଟଙ୍କା ଜବତ ହୋଇଛି।

## ଓଡ଼ିଶା ଫେରିଲେ ମନମୋହନ ସାମଲ

ଭୁବନେଶ୍ୱର, ୭।୪(ମହାଭାରତ): ରାଜ୍ୟସଭା ସାଂସଦ ଭାବରେ ଶପଥ ଗ୍ରହଣ ପରେ ଓଡ଼ିଶା ଫେରିଛନ୍ତି ମନମୋହନ ସାମଲ। ଭୁବନେଶ୍ୱର ବିମାନବନ୍ଦରରେ ତାଙ୍କୁ ସ୍ୱାଗତ କରିବାକୁ ଶହ ଶହ ସଂଖ୍ୟାରେ ବିଜେପି ନେତା ଓ କର୍ମୀ ଏକାଠି ହୋଇଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ପାରମ୍ପରିକ ଢୋଲ, ବାଜା ବଜାଇ ଅପେକ୍ଷା କରିଛନ୍ତି ରାଜ୍ୟ ସଭାପତିଙ୍କୁ ସ୍ୱାଗତ କରିଛନ୍ତି କର୍ମୀ। ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ସାଂସଦ ତଥା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖି କେନ୍ଦ୍ରୀୟ ନେତୃତ୍ୱଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପୋଲିସ କଲର୍ସ ଆୱାର୍ଡ଼ ପ୍ରଦର୍ଶନ କଲେ ଡିଜିପି

ଭୁବନେଶ୍ୱର, ୭।୪(ମହାଭାରତ): ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ମଙ୍ଗଳବାର ଦିନ ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ରାଷ୍ଟ୍ରପତିଙ୍କ 'ପୋଲିସ କଲର୍ସ ଆୱାର୍ଡ଼' ପ୍ରଦର୍ଶନ କରିଛନ୍ତି। ଆଇନ ଶୃଙ୍ଖଳା ଏବଂ ଲୋକଙ୍କ ସୁରକ୍ଷା ଦିଗରେ ପ୍ରତିବଦ୍ଧତାର ସହ କାର୍ଯ୍ୟରତ ଓଡ଼ିଶା ପୋଲିସ ହାସଲ କରିଥିବା ଏହି ମର୍ଯ୍ୟାଦାଜନକ ସମ୍ମାନ ରାଜ୍ୟ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ବୋଲି କହିବା ସହ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଓଡ଼ିଶା ପୋଲିସ ହାସଲ କରିଥିବା ମର୍ଯ୍ୟାଦାଜନକ 'ରାଷ୍ଟ୍ରପତିଙ୍କ ପୋଲିସ କଲର୍ସ ଆୱାର୍ଡ଼' ଆମ ରାଜ୍ୟ ପାଇଁ ଏକ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ଗୃହ ମନ୍ତ୍ରୀ ଭାବେ, ଆମ ପୋଲିସ ବାହିନୀର ଏହି ଅସାଧାରଣ ସଫଳତା ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ। ଏହି ସମ୍ମାନ ଓଡ଼ିଶା ପୋଲିସର ସାହସିକତା, ଉତ୍ସର୍ଗୀକୃତ ଜନସେବା ଏବଂ ଅପରିସୀମ ନିଷ୍ଠାର ଏକ ଶ୍ରେଷ୍ଠ ପ୍ରତିଫଳନ। ଦେଶର ଅଗ୍ରଣୀ ପୋଲିସ ବାହିନୀ ଗୁଡ଼ିକ ମଧ୍ୟରେ ଓଡ଼ିଶା ପୋଲିସ ଏହି ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ଆମ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ। ଏହି ଅବସରରେ, ଓଡ଼ିଶା ପୋଲିସର ସେବା ଓ ବୀରତ୍ୱକୁ ଏହି ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିଥିବାରୁ ମୁଁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛି। ଆମ ରାଜ୍ୟରେ ଶାନ୍ତି-ଶୃଙ୍ଖଳା ରକ୍ଷା କରିବା ସହ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ନିରନ୍ତର କାର୍ଯ୍ୟ କରୁଥିବା ପ୍ରତିଟି ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମୁଁ ଅଭିନନ୍ଦନ ଓ ସାଧୁବାଦ ଜଣାଉଛି। ଏହି ଗୌରବମୟ ସଫଳତା ଆମ ପୋଲିସ ବାହିନୀର ମନୋବଳକୁ ଆହୁରି ଦୃଢ଼ କରିବା ସହ ଏକ ସୁରକ୍ଷିତ ଓ 'ସମୃଦ୍ଧ ଓଡ଼ିଶା' ଗଠନ ଦିଗରେ ଆମ ସଂକଳ୍ପକୁ ଆହୁରି ଶକ୍ତିଶାଳୀ କରିବ।

# ରୋଗ ଦୂର କରେ ଶୁଣ୍ଠି

ଶୁଖିଲା ଅଦା ବା ଶୁଣ୍ଠି କେବଳ କବଳ ଖାଦ୍ୟର ସ୍ୱାଦ ବଢ଼ାଇ ନ ଥାଏ, ଏହାର ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। ବିଶେଷକରି ଶୀତଦିନେ ଶୁଣ୍ଠିର ବ୍ୟବହାର ଦ୍ୱାରା ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ। ଜାଣନ୍ତୁ ଏ ସମ୍ପର୍କରେ

- ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ପାଇଁ ଶୁଣ୍ଠି ଖୁବ୍ ଲାଭଦାୟକ। ଶୁଣ୍ଠି ଏବଂ ଜାଇଫଳକୁ ଗୁଣ୍ଡ କରି ରାଶି ତେଲରେ ମିଶାଇ ଯନ୍ତ୍ରଣା ସ୍ଥାନରେ ଲଗାଇବା ଦ୍ୱାରା ଉପଶମ ମିଳିଥାଏ।
- ଶୁଣ୍ଠି ପାଚନ କ୍ରିୟାକୁ ଠିକ୍ କରିବା ସହ ଓଜନ କମାଇବାରେ ସାହାଯ୍ୟ କରିଥାଏ।
- ଗର୍ଭବତୀ ମହିଳାମାନଙ୍କ ପାଇଁ ଶୁଣ୍ଠି ସର୍ବୋତ୍କୃଷ୍ଟ।
- ଶୁଣ୍ଠିରେ କର୍କଟ ନିରୋଧୀ ଗୁଣ ରହିଥାଏ, ଯାହା କର୍କଟ କୋଷିକାକୁ ନଷ୍ଟ କରିଦିଏ।



ଖବର

# କରିସ୍ମା ତନ୍ନାଙ୍କର ଥିଲା ମାଙ୍ଗଳିକ ଦୋଷ, ଗଛ ସହିତ କରିଥିଲେ ବିବାହ, ଏବେ ହେବେ ମା




ବଲିଉଡ ତଥା ଟିଭି ଅଭିନେତ୍ରୀ କରିସ୍ମା ତନ୍ନା ଖୁବଶୀଘ୍ର ଖୁସି ଖବର ଦେବାକୁ ଯାଉଛନ୍ତି । କରିସ୍ମା ଏବଂ ବରୁଣ ମାତାପିତା ହେବାକୁ ଯାଉଛନ୍ତି ।କରିସ୍ମା ନିଜ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଗର୍ଭବତୀ ଥିବା ଘୋଷଣା କରିଛନ୍ତି । ଅଭିନେତ୍ରୀ ଜଣକ ଏଥିରେ ବହୁତ ଖୁସି ଥିବା ଜଣାପଡିଛି । ଏମାନଙ୍କ ଘରକୁ କୁନି ଅତିଥି ଅଗଷ୍ଟରେ ଆସିବେ ବୋଲି ଜଣାଇଛନ୍ତି ।ତେବେ କରିସ୍ମାଙ୍କ ଗର୍ଭବତୀ ଖବର ଭିତରେ ଏକ ଇଣ୍ଟରଭ୍ୟୁ ଭାଇରଲ ହେବାରେ ଲାଗିଛି । କିଛିଦିନ ପୂର୍ବରୁ କରିସ୍ମା ସୋହା ଅଲ୍ଲୀ ଖାନଙ୍କ ପୋଡକାଷ୍ଟରେ ପହଞ୍ଚିଥିଲେ । ଏଥିରେ ସେ ନିଜର ମାଙ୍ଗଳିକ ଦୋଷ ବିଷୟରେ ଖୁଲାସା କରିଥିଲେ ।ଅଭିନେତ୍ରୀ ଜଣକ କହିଥିଲେ, ସେ ମାଙ୍ଗଳିକ ଥିଲେ, ତେଣୁ ନିଜର ମାଙ୍ଗଳିକ ଦୋଷ ଦୂର କରିବା ପାଇଁ ବିଭିନ୍ନ ପ୍ରକାରର ଜିନିଷ କରିଥିଲେ। ଏହାପରେ ତାଙ୍କ ମା' ଏଭଳି ଦୋଷ ଦୂର କରିବା ପାଇଁ ଗଛ ସହିତ ବିବାହ କରିବାକୁ ପଡିଥିଲା ।ସେ ଆହୁରି ମଧ୍ୟ କହିଛନ୍ତି, ମୁଁ ମାଙ୍ଗଳିକ ଥିଲି, ତେଣୁ ଗଛ ସହିତ ବିବାହ କରିଥିଲି । ମୋ ବିବାହ ଜଣେ ଦେବତାଙ୍କ ସହିତ କରାଯାଇଛି । ମୁଁ ବହୁତ କିଛି କରିଛି। କିନ୍ତୁ ଏହା ପଛର କାରଣ ଜଣାପଡିନାହିଁ । ମୁଁ ଏସବୁରେ ବିଶ୍ୱାସ କରୁନଥିବା ବେଳେ ମୋ ମା' ବହୁତ ବିଶ୍ୱାସ କରୁଥିଲେ। ମୋ ମା' ଚାହୁଁଥିଲେ, ମୋ ବାହାଘର ଜଲଦି ହେଉଯାଉ, ମୋତେ ଭଲ ସ୍ୱାମୀ ମିଳୁ ଯ ତେଣୁ ମୋ ମାଙ୍ଗଳିକ ଦୋଷ ଦୂର କରିବା ପାଇଁ ବହୁତ ଉପାୟ କରିଥିଲେ ।ତେବେ ଅଭିନେତ୍ରୀ କରିସ୍ମା ତନ୍ନା ୪୨ ବର୍ଷ ବୟସରେ ମା' ହେବାକୁ ଯାଉଛନ୍ତି । ୨୦୨୨ରେ କରିସ୍ମା ବିବାହ କରିଥିଲେ।

## ସାତଟି ଦୋଷ



ସଂସାରରେ ରହିଛି ସାତଟି ଦୋଷ। ଯାହା ପାଇଁ ମଣିଷ ପ୍ରତି ମୁହୂର୍ତ୍ତରେ ଭୁଲ୍ କରିବସେ। ଏହି ଦୋଷ ସବୁ ସମ୍ପର୍କ ଏବଂ ବୃତ୍ତିଗତ ଜୀବନକୁ ବିପନ୍ନ କରିଦେଇଥାନ୍ତି । ସେହି ଦୋଷଗୁଡ଼ିକ ହେଲା: ଗର୍ବ, କୃପଣତା, କ୍ରୋଧ, କାମାସକ୍ତ ହେବା, ଈର୍ଷା, ଆଳସ୍ୟ ଏବଂ ଖାଦ୍ୟ ଲାଳସା। ଗର୍ବ ମଣିଷକୁ ପତନ ଆଡ଼କୁ ନେଇଯାଏ। କୃପଣତା ମଧ୍ୟ ଜୀବନରେ ସବୁକିଛି ଥିବା ସତ୍ତ୍ୱେ ଅସୁଖି କରିଦେଇଥାଏ।

ସେହିପରି କ୍ରୋଧ ସମୟ ଏବଂ ସାମର୍ଥ୍ୟର ଅପଚୟ କରାଇଥାଏ। କିନ୍ତୁ କାମାସକ୍ତ ହେଲେ ମଣିଷ ବ୍ୟକ୍ତିତ୍ୱ ଏବଂ ସମ୍ମାନ ନଷ୍ଟ ହୋଇଯାଏ। ତେବେ ଈର୍ଷା ମଣିଷର ଦୁର୍ବଳତାକୁ ସୂଚାଏ ଏବଂ ହାନବଳ କରିଦିଏ। ଆଳସ୍ୟ ବି ବିଫଳତା ଏବଂ ପତନ ଆଡ଼କୁ ନେଇଯାଇଥାଏ। ତେବେ ଖାଦ୍ୟ ଲାଳସା ପ୍ରତିଯୋଗିତାର ମନୋଭାବକୁ ମାରିଦେଇଥାଏ। ପେଟେ ଖାଇ ଶୋଇଯିବାରେ ସନ୍ତୁଷ୍ଟ ଭାବ ଆଣିଦିଏ। ତେଣୁ ଏସବୁକୁ ଅନୁଶୀଳନ କରନ୍ତୁ ଓ ସକଳ କ୍ଷେତ୍ରରେ ସଫଳତା ପ୍ରାପ୍ତ ହୁଅନ୍ତୁ। ଏହି ସାତ ଦୋଷରୁ ନିଜକୁ ମୁକ୍ତ ରଖନ୍ତୁ।

# ବ୍ରଣ ସମସ୍ୟାର ଉପଚାର



ଶୀତଦିନେ ଶୁଷ୍କ ତ୍ୱଚାରେ କେତେଜଣଙ୍କ ଠାରେ ବ୍ରଣ, ଦାଗ ସମସ୍ୟା ଦେଖାଯାଏ। ହେଲେ ଏଥିରେ ବ୍ୟତିବ୍ୟସ୍ତ ନ ହୋଇ ସରଳ ଘରୋଇ ଉପଚାର କଲେ ବ୍ରଣ କମ୍ ହୁଏ। ଏହି ଋତୁରେ ନିଜ ଖାଦ୍ୟ ପାନୀୟ ଉପରେ ଗୁରୁତ୍ୱ ଦିଅନ୍ତୁ, ଶୋଷ ନ ହେଉଥିଲେ ମଧ୍ୟ ଦିନକୁ ୯-୧୦ ଗିଲାସ ପାଣି ପିଇବାର ଅଭ୍ୟାସ କରନ୍ତୁ। ଉଷୁମ ପାଣି ପ୍ରତିଦିନ ପିଇଲେ ତ୍ୱଚା ଓ କେଶର ଅନେକ ସମସ୍ୟାର ସମାଧାନ ହୁଏ।

- କ୍ଲିନଜିଂ ମିଲ୍କ ନଚେତ୍ କଞ୍ଚା ଖିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ତ୍ୱଚାକୁ ଭଲରେ ପୋଛି ମଏଶ୍ଚରାଇଜର୍ ଲଗାଇନେବେ। ତ୍ୱଚା ଶୁଷ୍କ ହେଲେ ବ୍ରଣ ଏଇ ଦିନେ ବଢ଼ିବାର ସମସ୍ୟା ଉପୁଜେ।
- ଘି-କୁଆଁରୀ ରସରେ ମହୁ ଅଳ୍ପ ମିଶାଇ ତ୍ୱଚାରେ ଲଗାଇ କିଛି ସମୟ ପରେ ଧୋଇନେବେ। ସକାଳ ବେଳା ଏହି ପ୍ୟାକ୍ ଲଗାଇବେ ନଚେତ ଥଣ୍ଡା, ସର୍ଦି ହେବାର ଭୟ ରହିଛି।
- ଏସବୁ ସହ ବେସନରେ ମହୁ ଓ ଖିର ସର ମିଶାଇ ତ୍ୱଚାରେ ପ୍ୟାକ୍ ଭଳି ଲଗାନ୍ତୁ। ଶୁଖିବା ପରେ ଧୋଇନେବେ, ବ୍ରଣ ସମସ୍ୟାରୁ ରକ୍ଷା ପାଇବା ନିମନ୍ତେ ଏହା ଏକ ଭଲ ପ୍ୟାକ୍।
- ଶୀତରେ ସପ୍ତାହକୁ ଥରେ ତ୍ୱଚା ସ୍କ୍ରବ୍ କରନ୍ତୁ, ଅଧିକ ଥର ସ୍କ୍ରବ୍ କଲେ ବ୍ରଣ ସମସ୍ୟା ବଢ଼ି ପାରେ ବୋଲି ବିଉଟିସିଆନ୍ଙ୍କ ମତ। ବାହାରୁ ଆସିବା ପରେ ତ୍ୱଚାକୁ ଭଲରେ ଧୋଇ ମଏଶ୍ଚରାଇଜର୍, ଟୋନର୍ ଲଗାଇବାକୁ ଯେପରି ନ ଭୁଲିବେ। ଏହି ଋତୁରେ ତ୍ୱଚାକୁ ଏଭଳି ଉପାୟରେ ପୋଷଣ ଦେବା ଜରୁରୀ।

# ଗୀତା ମାଧ୍ୟମରେ କର୍ମପ୍ରବଣତା



ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ । ଅର୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ । ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ । ଅର୍ଜୁନ ସାହସ ହରାଇଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ । ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ । ଏହି ସମୟରେ ଶ୍ରୀମଦ୍‌ଭଗବତ୍ ଗୀତାର ଜନ୍ମ ହୋଇଥିଲା । ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ । ଏହା ହିଁ ଭଗବତ୍‌ଗୀତା ଗ୍ରନ୍ଥର ରୂପ ନେଇଥିଲା । ଗୀତାର ଆଧାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ । ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୂଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି । ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ୍ ବୋଲି ମାନିଛନ୍ତି । ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ ।

ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ । ଅର୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ । ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି । ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର । ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ । ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜୁନଙ୍କୁ କରାଇଥିଲେ ।

ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ । ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି । ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି ।

# ଏହି ଅଭ୍ୟାସ କାରଣରୁ ଦୁର୍ବଳ ହୋଇଥାଏ ହାଡ



ସୁସ୍ଥ ରହିବା ପାଇଁ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇବା ସହ ନିଜର କିଛି ନିତିଦିନିଆ ଅଭ୍ୟାସ ଉପରେ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ। ଶରୀରର ସମସ୍ତ ଅଙ୍ଗ ସଠିକ୍ ଭାବେ କାମ କରିବା ପାଇଁ ଦୈନନ୍ଦିନ କାର୍ଯ୍ୟକଳାପ ପ୍ରତି ଧ୍ୟାନ ଦେବା ଉଚିତ। ଅନେକ ସମୟରେ ଏପରି ହୋଇଥାଏ, କିଛି ଅଭ୍ୟାସ କାରଣରୁ ହାଡ ଦୁର୍ବଳ ହେବାକୁ ଲାଗିଥାଏ। ବିଶେଷ କରି ବୟସ ବଢିବା ସହ ଏହି ସମସ୍ୟା ଅଧିକ ଦେଖାଯାଏ। ମାତ୍ର ବର୍ତ୍ତମାନ ସମୟରେ ଏହା ଅଧିକାଂଶଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। କିଛି ଖରାପ ଅଭ୍ୟାସ ହାଡ ଉପରେ ଅନେକ ପ୍ରଭାବ ପକାଇଥାଏ।

ସଠିକ୍ ଭାବେ ଖାଦ୍ୟ ସେବନ ନକରିବା,ଖରାପ ଜୀବନଶୈଳୀ କାରଣରୁ କମ୍ ବୟସରେ ମଧ୍ୟ ହାଡ ଜନିତ ସମସ୍ୟା ଦେଖାଯାଉଛି। ହାଡ ଦୁର୍ବଳ ହେବାକୁ ଆରମ୍ଭ କରୁଛି। ହାଡ ଗୁଡିକ ଦୁର୍ବଳ ହେବା ଦ୍ୱାରା ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ। କିଛି ଅଭ୍ୟାସ କାରଣରୁ ଶରୀର କ୍ୟାଲସିୟମ ଓ ଭିଟାମିନ୍ ଡିର ଅଭାବ ହୋଇଥାଏ। ଜାଣନ୍ତୁ..

ଶରୀରର ହାଡ ଦୁର୍ବଳ ହେବାକୁ ଆରମ୍ଭ କଲେ,ପ୍ରଥମେ ନିଜ ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଖାଦ୍ୟରେ କ୍ୟାଲସିୟମ ଓ ଭିଟାମିନ ଡି ଯୁକ୍ତ ଖାଦ୍ୟର ଅଭାବ ଥିଲେ ହାଡ ଦୁର୍ବଳ ହୋଇଯାଏ। ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ। ନିୟମିତ ଭାବେ ଏଭଳି ଖାଦ୍ୟର ସେବନ କରିବା ଦ୍ୱାରା କମ୍ ବୟସରେ ମଧ୍ୟ ହାଡ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ନିୟମିତ କ୍ଷୀର ପିଅନ୍ତୁ। ଏହାଦ୍ୱାରା କ୍ୟାଲସିୟମ ଅଭାବ ପୂରଣ ହୋଇଥାଏ।

ଅଧିକାଂଶ କାର୍ଯ୍ୟାଳୟ ହେଉ ଅଥବା ଘରେ କାମ କରିବା କାରଣରୁ ଥକ୍କାପଣ ପାଇଁ ବ୍ୟାୟାମ ପ୍ରତି ଧ୍ୟାନ ଦେଇ ନଥାଆନ୍ତି। ଅଫିସରେ ଚେୟାରରେ ବସି ଘଣ୍ଟା ଘଣ୍ଟା କାମ କରିଥାଆନ୍ତି। ଏହାଦ୍ୱାରା ହାଡ ଦୁର୍ବଳ ହୋଇଥାଏ। ତେଣୁ ନିୟମିତ ଭାବେ ୩୦ ମିନିଟ୍ ଯାଏଁ ବ୍ୟାୟାମ କରନ୍ତୁ।

## ନିର୍ବାଚନ କମିଶନଙ୍କୁ ଚାଲେଞ୍ଜ

ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟ ଗୃହ ସଚିବଙ୍କୁ ନୋଟିସ ଜାରି କରିଛନ୍ତି। ନିର୍ବାଚନ କମିଶନ ଚାହିଁଲେ ଏହି ଘଟଣାର ସିବିଆଇ ତଦନ୍ତ ଲାଗି ସୁପାରିଶ କରିପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେବେ ମମତା ବାନାର୍ଜୀ କହିଛନ୍ତି ଯେ, ସେ ଏହି ଘଟଣା ସମ୍ପର୍କରେ କିଛି ଜାଣି ନାହାଁନ୍ତି। ଏ ସମ୍ପର୍କରେ ତାଙ୍କୁ କେହି ଅବଗତ କରାଇନଥିଲେ। ମମତାଙ୍କ ଏହି କଥା ବିଶ୍ୱାସଯୋଗ୍ୟ ନୁହେଁ। ବରଂ ସେ ଏହି କାର୍ଯ୍ୟରେ ସମ୍ପୃକ୍ତ ବୋଲି ସନ୍ଦେହ ଅଧିକ ଦୃଢ଼ିଭୂତ ହେଉଛି। କାରଣ ରାଜ୍ୟରେ ଏସଆଇଆରକୁ ସେ ହିଁ ପ୍ରଥମରୁ ବିରୋଧ କରିଛନ୍ତି ଏବଂ ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଛନ୍ତି। ପଶ୍ଚିମବଙ୍ଗରେ ଯଦି ମମତା ହାରିବେ ତେବେ ସେ ଏଥିପାଇଁ ଏସଆଇଆରକୁ ଦାୟୀ କରିବେ ଏବଂ ନିର୍ବାଚନ କମିଶନ ଏଥିଲାଗି ଷଡ଼ଯନ୍ତ୍ର କରିଛନ୍ତି ବୋଲି ଅଭିଯୋଗ କରିବେ। ଆଜି ପର୍ଯ୍ୟନ୍ତ ନିର୍ବାଚନରେ ପରାଜୟ ନିମନ୍ତେ ବିରୋଧୀ ଇଭିଏମକୁ ଦାୟୀ କରି ଆସୁଛନ୍ତି। ଇଭିଏମରେ ଟାମ୍ପରିଂ ହୋଇପାରିବ ନାହିଁ ଏବଂ ଏହା ଶତ ପ୍ରତିଶତ ସୁରକ୍ଷିତ ବୋଲି ବାରମ୍ବାର ପ୍ରମାଣିତ ହେଲେ ମଧ୍ୟ ବିରୋଧୀ ଦଳ ପରାଜୟର ଗ୍ଲାନିକୁ ଲୁଚାଇବା ନିମନ୍ତେ ଇଭିଏମକୁ ଦୋଷ ଦେବା ସହିତ ନିର୍ବାଚନ କମିଶନଙ୍କ୍ଷ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହା ନିନ୍ଦନୀୟ ଏବଂ ପରିତାପର ବିଷୟ। ଏହା ଭାରତୀୟ ଗଣତନ୍ତ୍ରର ଗରିମା ନଷ୍ଟ କରୁଛି। ଭାରତରେ ନିର୍ବାଚନ କମିଶନଙ୍କ କ୍ଷମତା ଓ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରରେ ସ୍ୱଚ୍ଛ ଓ ନିରପେକ୍ଷତରେ ସହ ନିର୍ବାଚନ କରାଇବା ତାଙ୍କର ଦାୟିତ୍ୱ। ନିର୍ବାଚନ ଯେତେ ସ୍ୱଚ୍ଛ ଏବଂ ନିରପେକ୍ଷ ହେବ ଗଣତନ୍ତ୍ର ସେତିକି ସୁଦୃଢ଼ ହେବ। ଭାରତରେ ନିର୍ବାଚନ ଏକ ଉତ୍ସବ ଭଳି ମନେ ହୁଏ। ଦେଶର ପ୍ରତ୍ୟେକ ସାବାଳକ ନିର୍ବାଚନରେ ନିଜର ମତଦାନ ଅଧିକାର ସାବ୍ୟସ୍ତ କରନ୍ତି। ନିର୍ବାଚିତ ପ୍ରତିନିଧିମାନେ ଦେଶର ଆଇନ ପ୍ରଣୟନ କରିବା ସହ ସାମ୍ବିଧାନିକ ବିଧି ବ୍ୟବସ୍ଥା ଆଧାରରେ ଶାସନ କରନ୍ତି। ନିର୍ବାଚନ ପ୍ରକ୍ରିୟାରେ ଗତ ୭୦ ବର୍ଷ ଭିତରେ ଅନେକ ସଂସ୍କାର ଆସିଛି। ଭୋଟ ବାକ୍ସ ବଦଳରେ ଭୋଟିଂ ମେସିନ ବ୍ୟବହାର ହେଉଛି। ନିର୍ବାଚନ ପ୍ରଚାର ମଧ୍ୟ ବ୍ୟାପକ ହେଲାଣି। କରୋନା କଟକଣା ବେଳେ ଦେଶରେ ଡିଜିଟାଲ ପ୍ରଚାର ବ୍ୟବସ୍ଥା ହୋଇଥିଲା। ସେହିପରି ନିର୍ବାଚନ ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ମଧ୍ୟ ନିର୍ବାଚନ କମିଶନଙ୍କ ଦାୟିତ୍ୱ। ଉଭୟ ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବାହିନୀର ସହଯୋଗରେ ନିର୍ବାଚନ ମୁକ୍ତ ଏବଂ ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ପ୍ରୟାସ କରନ୍ତି। ୧୯୯୫ରେ ଟି ଏନ ଶେଷାନ ଭାରତର ନିର୍ବାଚନ କମିଶନର ଥିବା ବେଳେ ଭୋଟର ପରିଚୟପତ୍ର ବ୍ୟବସ୍ଥା ଆରମ୍ଭ ହେଲା। ଏବେ ଭୋଟର ପରିଚୟପତ୍ର ସହିତ ଆଧାର ବା ଅନ୍ୟ କେତେକ ପରିଚୟପତ୍ର ଦେଖାଇ ଭୋଟ ଦେବାକୁ ପଡୁଛି। ଫଳରେ ନିର୍ବାଚନରେ ଜାଲ ଭୋଟ ଅନେକାଂଶରେ କମିଛି। ଇଭିଏମ ବ୍ୟବହାର ଦ୍ୱାରା ଭୋଟ କୌଣସି ନାକଚ ହେଉନି। ଏହା ବ୍ୟତିତ ଇଭିଏମରେ ନୋଟା ବ୍ୟବସ୍ଥା ମଧ୍ୟ କରାଯାଇଛି। ଯଦି କୌଣସି ପ୍ରାର୍ଥୀ ପସନ୍ଦର ହୋଇନଥିବେ ତେବେ ଜଣେ ନୋଟାରେ ଭୋଟ ଦେଇପାରିବେ। ଏହା ଦ୍ୱାରା ଭୋଟଦାନ ହାର ବଢୁଛି। ଏଭଳି ଭାବେ ନିର୍ବାଚନ ବ୍ୟବସ୍ଥାରେ ଅନେକ ସଂସ୍କାରମୂଳକ ବ୍ୟବସ୍ଥା ହୋଇଛି। କିନ୍ତୁ ଏହା ଭିତରେ ନିର୍ବାଚନ କମିଶନଙ୍କ ନିରପେକ୍ଷତା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଅନେକ ସମୟରେ ବିରୋଧୀ ଦଳ ନିର୍ବାଚନ କମିଶନଙ୍କ ପ୍ରତି ଆକ୍ଷେପ କରୁଛନ୍ତି। ଶାସକ ଦଳକୁ ସୁହାଇଲା ଭଳି ସେ ନିଷ୍ପତ୍ତି ନେଉଥିବା କୁହାଯାଉଛି। ଏବେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଭୋଟ ଚୋରୀ ଏବଂ ଇଭିଏମରେ ଗଡ଼ବଡ଼ ଅଭିଯୋଗ କରି ସିଧାସଳଖ ନିର୍ବାଚନ କମିଶନଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଆସୁଛନ୍ତି।

## ଶିକ୍ଷା : ସମସ୍ତଙ୍କ ପାଇଁ ଓ ସମାଜ ପାଇଁ

> "ଜୀବନରେ ଆମ୍ଭେମାନେ ଅନେକ ଅଙ୍ଗେଲିଭା ପ୍ରସଙ୍ଗକୁ ସାମ୍ନା କରିଥାଉ। ଯାହାପଛର ସତକୁ ପ୍ରାୟତଃ ଲୋକଲୋଚନକୁ ଅଣାଯାଇ ନଥାଏ। ଶିକ୍ଷା ଆଜିର ସମୟରେ ଏକ ବିରାଟ ବଡ଼ ବ୍ୟବସାୟର ରୂପ ନେଲାଣି। ରାଜସ୍ଥାନର କୋଟାର କଥାକୁ ମନେପକାନ୍ତୁ ଲକ୍ଷାଧିକ ଟଙ୍କା ଦେଇ ଡାକ୍ତର, ଇଞ୍ଜିନିୟର ବା ଆଇଏଏସ୍ ହେବାର ସ୍ୱପ୍ନ ନେଇ ସେ ଯାଗାକୁ ଭାରତ ବର୍ଷରୁ ମେଧାବୀ ଛାତ୍ରମାନେ ଯାଉଛନ୍ତି। ଭୟଙ୍କର ମାନସିକ ଚାପ ସେମାନଙ୍କୁ ମୃତ୍ୟୁର ବାଟ ଦେଖାଉଛି। ପ୍ରତିବର୍ଷ ତିରିଶ ଚାଳିଶ ଜଣ ପିଲା ସେଠାରେ ଆତ୍ମହତ୍ୟା କରୁଛନ୍ତି।

॥ ଶ୍ୟାମ ସୁନ୍ଦର ସାମଲ ॥

ଆନ୍ତର୍ଜାତିକ ସାକ୍ଷରତା ଦିବସ ସମଗ୍ର ବିଶ୍ୱରେ ପାଳିତ ହୋଇଛି। ଓଡ଼ିଶା ସର୍ବୋପରି କଟକରେ ମଧ ଅନେକ ଅନୁଷ୍ଠାନରେ ଏହି ଦିବସ ବେଶ ଧୁମଧାମରେ ପାଳିତ ହୋଇଛି। ବାସ୍ତବରେ ଶିକ୍ଷା କ'ଣ ? ସର୍ବୋପରି ଦୈନନ୍ଦିନ ଜୀବନରେ ଶିକ୍ଷାର ଆବଶ୍ୟକତା କ'ଣ ଅଛି ? ଏହା ତ ସାଧାରଣ କଥା ଶିକ୍ଷା ବିନା ଜଣେ ମଣିଷ ମୂର୍ଖ ନିଶ୍ଚୟ। ସେଥିପାଇଁ ଆମେ ପ୍ରାୟତଃ କଥାରେ କଥାରେ କହୁ ତୁ ମୂର୍ଖଟା କିରେ ? ସରକାରଙ୍କ ଶିକ୍ଷାକୁ ନେଇ ବଡ଼ ସ୍ଲୋଗାନ ହେଉଛି 'ପିଲାଏ ପଢ଼ିବେ, ପିଲାଏ ଗଢ଼ିବେ'ର ଆନ୍ତରିକ ଅର୍ଥ ହେଉଛି ଗଢ଼ା ହେବେ। ତେବେ ଆଇନର ଏକ ସଚରାଚର ବାକ୍ୟ ଯେପରି ରହିଛି ଆଇନ ତା ବାଟରେ ଯିବ ଠିକ ସେହିପରି କୁହାଯାଏ ଶିକ୍ଷା ମଧ ତା ବାଟରେ ଯାଏ। ଶିକ୍ଷାର ବାଟ ଦେଖାଇଥାନ୍ତି ପୂଜ୍ୟ ଗୁରୁଦେବମାନେ। ପ୍ରତ୍ୟେକ ବ୍ୟକ୍ତିର ଜୀବନ ଓ ଆଦର୍ଶ ଗଢ଼ା ହେବାରେ ଗୁରୁ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ କେତେକ କ୍ଷେତ୍ରରେ ଦେଖାଯାଉଛି ଗୁରୁ ଓ ଶିକ୍ଷାୟତନ ସର୍ବୋପରି ଅଭିଭାବକମାନେ ଶିକ୍ଷାକୁ ଯେଉଁପର ରାସ୍ତାରେ ନେଉଛନ୍ତି ତାହା ସାଧାରଣ ବୁଦ୍ଧିଜୀବୀମାନଙ୍କୁ ବଡ଼ ଅଶ୍ୱସ୍ତିକର ଭିତରକୁ ଠେଲି ଦେଇଛି। ଶିକ୍ଷକମାନେ ଆମ ପାଇଁ ଗୁରୁ କିନ୍ତୁ ଶିକ୍ଷକମାନେ ସେମାନଙ୍କ ଅଧିକାର ଓ ଦାବୀ ପାଇଁ ରାସ୍ତାକଡ଼ରେ ସରକାରଙ୍କ ଠାରୁ ନ୍ୟାୟ ମାଗୁଛନ୍ତି। ତେବେ କିଛି ଦିନ ତଳେ କଟକ କଳାବିକାଶ କେନ୍ଦ୍ର ମାର୍ଗସ୍ଥିତ ଏକ ପ୍ରତିଷ୍ଠିତ ବିଦ୍ୟାଳୟରେ ସାଧାରଣରେ ଦେଖାଗଲା ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି। ପିଲାମାନଙ୍କୁ ଓ ପରିଚାଳନା କମିଟିକୁ ବିଦ୍ୟାଳୟକୁ ପ୍ରବେଶ ନକରାଇ ଏକ ପ୍ରକାର ହଲାବୋଲ ଆରମ୍ଭ କରିଦେଲେ। କିନ୍ତୁ ଏହା ଭିତର ଘଟଣା କ'ଣ ? ସତ୍ୟତା କ'ଣ ? କେହି ଜାଣିବାର ସୁଯୋଗ ପାଇପାରିଲେ ନାହିଁ। ଯେଉଁମାନେ ସାଧାରଣତଃ ସେହି ରାସ୍ତା ଦେଇ ଯାଉଥାନ୍ତି। ବିଦ୍ୟାଳୟର ଭିତ୍ତିଭୂମି ଅଛି, ପ୍ରତିଷ୍ଠା ଅଛି, ସୁନାମ ଅଛି, କୃତୀତ୍ୱର ସହ ପିଲାମାନେ ବିଦ୍ୟାଳୟର ସୁନାମ ମଧ ବଢ଼ାଉଛନ୍ତି। ତେବେ ଶିକ୍ଷକ ଶିକ୍ଷୟିତ୍ରୀମାନେ ରାସ୍ତାକଡ଼ରେ କାହିଁକି ବସିଲେ ଏହା ଏକ ବିରାଟ ବଡ଼ କଥା। ଏହି ଲେଖକ ଶିକ୍ଷକ ସମାଜକୁ ନିନ୍ଦିତ କରୁନାହିଁ କି ପରିଚାଳନା କମିଟିର ଦୋଷ ଦେବା ପାଇଁ ଏହି ଲେଖାର ଉଦ୍ଦେଶ୍ୟ ନୁହେଁ। ଅଭିଭାବକମାନେ ବିଦ୍ୟାଳୟକୁ ପିଲାମାନଙ୍କୁ ଛାଡ଼ି ଦେବା ପରେ ସେମାନେ ଭାବନ୍ତି ଆମେ ଏପରି ଏକ ମେସିନ ଭିତରକୁ ପିଲାମାନଙ୍କୁ ଠେଲି ଦେଇଛୁ କିଛି ଅର୍ଥର ବିନିମୟରେ ପିଲାମାନେ ସିଧା ସଳଖ ଡାକ୍ତର, ଇଞ୍ଜିନିୟର ବା ଆଇଏଏସ୍ ଅଫିସର ହୋଇ ମେସିନର ଅପର ବାଟେ ବାହାରି ପଡ଼ିବେ।

ଜୀବନରେ ଆମ୍ଭେମାନେ ଅନେକ ଅଙ୍ଗେଲିଭା ପ୍ରସଙ୍ଗକୁ ସାମ୍ନା କରିଥାଉ। ଯାହାପଛର ସତକୁ ପ୍ରାୟତଃ ଲୋକଲୋଚନକୁ ଅଣାଯାଇ ନଥାଏ। ଶିକ୍ଷା ଆଜିର ସମୟରେ ଏକ ବିରାଟ ବଡ଼ ବ୍ୟବସାୟର ରୂପ ନେଲାଣି। ରାଜସ୍ଥାନର କୋଟାର କଥାକୁ ମନେପକାନ୍ତୁ ଲକ୍ଷାଧିକ ଟଙ୍କା ଦେଇ ଡାକ୍ତର, ଇଞ୍ଜିନିୟର ବା ଆଇଏଏସ୍ ହେବାର ସ୍ୱପ୍ନ ନେଇ ସେ ଯାଗାକୁ ଭାରତ ବର୍ଷରୁ ମେଧାବୀ ଛାତ୍ରମାନେ ଯାଉଛନ୍ତି। ଭୟଙ୍କର ମାନସିକ ଚାପ ସେମାନଙ୍କୁ ମୃତ୍ୟୁର ବାଟ ଦେଖାଉଛି। ପ୍ରତିବର୍ଷ ତିରିଶ ଚାଳିଶ ଜଣ ପିଲା ସେଠାରେ ଆତ୍ମହତ୍ୟା କରୁଛନ୍ତି। କେବଳ ରାଜସ୍ଥାନର କୋଟାରେ ନୁହେଁ ଓଡ଼ିଶାରେ ମଧ ଏହା ଘଟୁଛି। କଟକରେ ବି ଏପରି ଅନେକ ନଜିର ରହିଛି। ଅନେକ ଜାଣି ନଥାନ୍ତି ସମ୍ଭବତଃ କିଛି ବାପା ମାଆମାନେ ପିଲାମାନଙ୍କୁ ଅର୍ଥ ନଦେଇ ପାରି ସେମାନେ ଜୀବନ ହାରନ୍ତି। ଏ ଖବର ବଡ଼ ଭାବେ ପ୍ରକାଶ ହୁଏନି। କେଉଁଠି ଦେଖାଯାଇଛି କି କୋଚିଂ ସେଣ୍ଟରର ମାଲିକମାନେ ପିଲାଙ୍କ ଅସଫଳ ଦୁଃଖରେ ମ୍ରିୟମାଣ ହୋଇ ଆତ୍ମହତ୍ୟା କରିଛନ୍ତି। ଏହାର ଉତ୍ତର ଆଦୌ ନୁହେଁ। ଶିକ୍ଷାକୁ ଏକ ପ୍ରକାର ବ୍ୟବସାୟ କରିଦିଆଗଲାଣି। ଅନେକ ଶିକ୍ଷକମାନେ ଶିକ୍ଷା ଛାଡ଼ି ବେପାର ଓ ରାଜନୀତିକୁ ନିଜ ମୁଖ୍ୟ ବୃତ୍ତି ଭାବେ ଗ୍ରହଣ କଲେଣି। ଦସ୍ତଖତ ମାରିଲେ ଦରମା ଗଣ୍ଡା ମାସ ଶେଷରେ ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ ହେଲା। କେତେକ ଶିକ୍ଷା ପ୍ରତିଷ୍ଠାନରେ ଦେଖାଯାଏ ବିଶୃଙ୍ଖଳାର ବଡ଼ କାରଣ ଥାନ୍ତି ଏହି ଶିକ୍ଷକ ସମାଜ। ସେମାନଙ୍କ ନ୍ୟସ୍ତ ସ୍ୱାର୍ଥ ପୂରଣ ନହେଲେ ମ୍ୟାନେଜମେଣ୍ଟ ବେକରେ ଦଉଡା ପକାଇ ବିଦ୍ୟାଳୟରେ ତାଲା ପକାଇ ଦିଅନ୍ତି। ଶିକ୍ଷା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଗଣମାଧ୍ୟମରେ ଏହା ପ୍ରମୁଖ ଖବର ପାଲଟି ଯାଏ। କିନ୍ତୁ ମ୍ୟାନେଜମେଣ୍ଟର ମୁଣ୍ଡ କିପରି ବିନ୍ଧିଥାଏ ତାହା କେବେ କେହି ଭାବନ୍ତି ନାହିଁ। ଶିକ୍ଷା ବ୍ୟବସ୍ଥାରେ କେହି ବୁଝନ୍ତିନି ଯେ ଯେଉଁ ବିଦ୍ୟାଳୟରେ ପ୍ରଭୂତ ସଂଖ୍ୟାରେ ପିଲାମାନେ ପଢ଼ନ୍ତି ଯାହାଫଳରେ ସେମାନଙ୍କର ଆଦାୟ ଫିସ ଶିକ୍ଷକ ମାନଙ୍କୁ ହିଁ ପ୍ରଦାନ କରାଯାଇଥାଏ। ଯଦି ଛାତ୍ରଛାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଯାଏ ତାହାହେଲେ ମ୍ୟାନେଜମେଣ୍ଟ ନିୟମିତ ଦରମା ଠାରୁ ବର୍ଦ୍ଧିତ ଦରମା ଦେବା କେତେ ଯେ କାଠିକର ପାଠ ତାହା କେହି ବୁଝିପାରନ୍ତିନି। ଜଣେ ଶିକ୍ଷକ ଭାଇର ସ୍ୱାର୍ଥରେ ବାଧା ହେଲେ ଯେପରି ଅନ୍ୟ ଶିକ୍ଷକମାନେ ମେଳି ହୋଇଯାଉଛନ୍ତି ସେମାନେ ଚିନ୍ତା କରୁନାହାଁନ୍ତି ଯେ ପିଲାଙ୍କ ସଂଖ୍ୟା ଯଦି କହି ଯାଇଥାନ୍ତି ତାହାଲେ ଆମ୍ଭମାନଙ୍କ ଭିତରୁ କିଛିକୁ ମନୋନୀତ କରି ଅନ୍ୟତ୍ର କର୍ମ ସଂସ୍ଥାନ ଦେଖିବା। ନାଁ, ବ୍ୟକ୍ତି ସ୍ୱାର୍ଥ ବା ବଡ଼। ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ଅମଡ଼ା ବାଟରେ ଯାଉଛନ୍ତି ତାଙ୍କୁ ବିଦ୍ୟାଳୟର ବାହାର ବାଟ ଅନୁଶାସନର ନିୟମରେ ମ୍ୟାନେଜମେଣ୍ଟ ତୁରନ୍ତ ରାସ୍ତା ଦେଖାଇ ଦେଉ କାରଣ ଏହା ହେଉଛି ଅନୁଶାସନର କଥା। ଶିକ୍ଷକମାନେ ନୀତିନିଷ୍ଠ ହୁଅନ୍ତୁ ସେମାନେ ଭୁଲି ଯାଆନ୍ତୁ ନାହିଁ ସେମାନେ ମହର୍ଷି ବ୍ୟାସଦେବଙ୍କ ମାର୍ଗ ନିର୍ଦ୍ଦେଶିତ ଜଣେ ଜଣେ ଗୁରୁ। ସେମାନେ ଏ ସମାଜରେ ଭଗବାନଙ୍କ ମର୍ଯ୍ୟାଦା ପାଇଥାନ୍ତି। କିନ୍ତୁ ସେମାନେ ଯେତେବେଳେ ଠକାମୀ କରନ୍ତି ସ୍କୁଲ ପାଠ ଛାଡ଼ି ଟ୍ୟୁସନରେ ବେଶି ମନ ଦିଅନ୍ତି, ନିଶାଗ୍ରସ୍ତ ହୁଅନ୍ତି, ଲମ୍ପଟ-କାମୁକ ହୁଅନ୍ତି ଏହାର ପ୍ରଭାବ କେଉଁପରି ଭାବରେ ସମାଜ ଉପରେ ପଡ଼ିବ କେବେ ଚିନ୍ତା କରିଛନ୍ତି। ଏହି ଲେଖକ ଏକ ସୁଉଜ୍ଜ୍ୱଳ ଶିକ୍ଷା ବୁନିୟାଦି ଥିବା ପରିବାରରୁ ଆସିଛି। ଯାହାଙ୍କର ଜଣେ ଅଗ୍ରଜ ଭଦ୍ରକ ଜିଲ୍ଲାରେ ଜଣେ ସୁନାମଧନ୍ୟ ମହାନ ଶିକ୍ଷା ବ୍ୟକ୍ତିତ୍ୱ ଭାବେ ପୂଜିତ। ତେଣୁ ଆମେ ସମୁଦାୟ ଶିକ୍ଷକ ସମାଜକୁ ନିନ୍ଦିତ କରୁନୁ। କାରଣ କିଛି ଶିକ୍ଷକଙ୍କ ପାଇଁ ଏହି ଯୁଗରେ ଶିକ୍ଷାର ଧର୍ମ ଡଙ୍ଗା ଚାଲିଛି। ଆଜିକାଲି ଛତୁ ଫୁଟିବା ପରି ଶିକ୍ଷା ଅନୁଷ୍ଠାନ ଗଢ଼ିଉଠୁଛି, ସେ ତୁଳନାରେ ନୈତିକ ଶିକ୍ଷା କିନ୍ତୁ ବଢୁନି। ମଣିଷ ପଣିଆ ହ୍ରାସ ପାଉଛି। ସ୍ୱାର୍ଥ, ବ୍ୟବସାୟ, ଚାଟୁକାର, ପରଶ୍ରୀକାତରତା, ଈର୍ଷାପରାୟଣତା ଏହି ନିନ୍ଦିତ ଗୁଣ ଗୁଡ଼ିକୁ କିଛି ଶିକ୍ଷକମାନେ ନିଜର ଭୂଷଣ କରୁଛନ୍ତି। ଶିକ୍ଷାୟତନର ତଥାକଥିତ ମାମଲତକାରମାନେ କେବଳ ନିୟମିତ ଓ ନିର୍ଦ୍ଧାରିତ ସ୍କୁଲ ମିଟିଂ ଭିତରେ ନିଜ ଦାୟିତ୍ୱ ସାରନ୍ତୁନାହିଁ। ସେମାନେ ଭୁଲ ଯାଆନ୍ତୁ ନାହିଁ ସେ ଅନୁଷ୍ଠାନକୁ ସେମାନେ ଏକ ଛୋଟ ପିଲାପରି ଆଙ୍ଗୁଳି ଧରି ବାଟ କଢ଼ାଇବାର କଥା। ନିୟମିତ ସମୟ ଦେବା କଥା, ଛାତ୍ରଛାତ୍ରୀ - ଶିକ୍ଷକ ଶିକ୍ଷୟିତ୍ରୀ - ଅଭିଭାବକ ଏହି ତ୍ରିଭୁଜ ସହ ସେମାନଙ୍କର ସ୍ୱାଭାବିକ ଓ ନିୟମିତ ସମ୍ପର୍କ ରହିବା କଥା। ନିଜ ସ୍ୱାର୍ଥପାଇଁ ବିଦ୍ୟାଳୟରେ ତାଲା ପକାଇ ପିଲାମାନଙ୍କର ପାଠପଢ଼ାର କ୍ଷତି ସହ ସେହି ବିଦ୍ୟାଳୟର ଯେଉଁ ସୁନାମ ଦାଣ୍ଡରେ ପଡ଼ିଲା ତାହା କ'ଣ ଆଉ ଫେରି ଆସିପାରିବ। କିଛି ଦରମା ବଢ଼ିପାରେ, କିଏ ପ୍ରମୋସନ ବି ପାଇପାରେ କିନ୍ତୁ ଯେଉଁ ଶିକ୍ଷାୟତନର ଦାନା ପାଣିରେ ଆମ ପରିବାର ଚଳୁଛି ଆମେ ସୁନାମ ପାଉଛୁ ତାକୁ କ'ଣ ଆମେ ଫେରାଇ ଦେଇପାରିବା। ଏହାକୁ ଟିକେ ମାନବିକ ଦୃଷ୍ଟିକୋଣରୁ ଚିନ୍ତା କରନ୍ତୁ। ଏ ଆହ୍ୱାନ କେବଳ ପ୍ରଶାସନ ଓ ଶିକ୍ଷାବିତଙ୍କ ଉପରେ ଛାଡ଼ି ଦିଅନ୍ତୁ ନାହିଁ । ଏ ଗୁରୁ ଦାୟିତ୍ୱ ପ୍ରତିଷ୍ଠାନର ସଂସ୍ଥାପକ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କର। ଅଭିଭାବକମାନେ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟର ଦରମା ଦିଅନ୍ତୁ, ଶିକ୍ଷକ ଶିକ୍ଷୟିତ୍ରୀମାନେ ପୋଷକ ପରିପାଟୀ ସୁଉନ୍ନତ ହୁଅନ୍ତୁ। ନିଜର ଆଚରଣ ପ୍ରଦର୍ଶନ ବେଳେ ଭାବନ୍ତୁ ଆମେ ଜଣେ ଗୁରୁ। ପିଲାମାନେ କେବଳ ପାଠରେ ହିଁ ମନୋନିବେଶ କରନ୍ତୁ। ଏହିପରି ସବୁ କିଛି ଛୋଟିଆ ଜିନିଷ ବୁଝିଗଲେ ଶିକ୍ଷାକୁ ନେଇ ଆଉ ଝିନଝଟ ରହିବ ନାହିଁ। ପିଲାମାନେ ଯଥାର୍ଥରେ ଭଗବାନ ଶ୍ରୀସତ୍ୟସାଇଙ୍କ ମାନବୀୟ ମୂଲ୍ୟବୋଧ ଶିକ୍ଷାକୁ ଗ୍ରହଣ କରି ନିଜ ଶ୍ରେଷ୍ଠ ଚରିତ୍ର ଗଠନ କରିପାରିବେ, ପରିବାରର ବାପା-ମାଆଙ୍କର ସୁନାମ ବଢ଼ାଇବେ, ସମାଜର, ଦେଶର ଓ ପାଠପଢ଼ିଥିବା ସେମାନଙ୍କର ବିଦ୍ୟାଳୟର ଯେଉଁ ସୁନାମକୁ ଆଗକୁ ନେବେ ତାକୁ ପର ପିଢି ନିଶ୍ଚିନ୍ତ ଦୃଷ୍ଟିରେ ରଖି ନିଜକୁ ତିଆରି କରିବେ।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୬୩୫୯୨୬

## ଆତ୍ମହତ୍ୟା : ଦିନକୁ ଯାଉଛି ୧୨ ଜୀବନ

॥ ଡାକ୍ତର ସମ୍ରାଟ କର ॥

ଆନ୍ତର୍ଜାତିକ ସ୍ତରରେ ଆତ୍ମହତ୍ୟା ନିରାକରଣ ଚେଷ୍ଟା କରୁଥିବା ଏକ ସଂସ୍ଥା ୨୦୧୧ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ଜଡ଼ିତ ହୋଇ ବିଶ୍ୱବାସୀଙ୍କ ନିମନ୍ତେ ଏକ ନୂତନ ପଦକ୍ଷେପ ନେବାକୁ ସ୍ଥିର କଲେ। ସେବେଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆନୁକୂଲ୍ୟରେ ସେପ୍ଟେମ୍ବର ୧୦କୁ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ଭାବେ ପାଳନ କରାଯାଉଛି। ସର୍ବେକ୍ଷଣ ଅନୁସାରେ ୧୯୯୦ ପରଠାରୁ ଯୁବପିଢ଼ିରେ ଆତ୍ମହତ୍ୟା ହାର ବୃଦ୍ଧି ପାଇଛି। ସେସବୁ ତଥ୍ୟକୁ ଲକ୍ଷ୍ୟ କରି ୨୦୧୧ରେ ବିଶ୍ୱର ୪୦ଟି ରାଷ୍ଟ୍ରମୁଖ୍ୟଙ୍କ ସହମତିରେ ପ୍ରଥମଥର ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ ହୋଇଥିଲା। ବିଭିନ୍ନ ସ୍ଥାନରେ ନାଟକ ଦ୍ୱାରା ସଚେତନ କରାଇବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରାୟ ୧୫ଟି ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଛି। ପ୍ରତ୍ୟେକଙ୍କ ଜୀବନ ମୂଲ୍ୟବାନ, ତେଣୁ ଏହାର ଯଥାର୍ଥତା ହୃଦୟଙ୍ଗମ କରିବା ଆବଶ୍ୟକ ହେଉଛି ଦିବସର ବାର୍ତ୍ତା।

ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଅବସରରେ ଏକ ସର୍ବଶେଷ ପରିସଂଖ୍ୟାନ ତଥ୍ୟ ଅନୁଯାୟୀ ଆତ୍ମହତ୍ୟା କାରଣ ପାଇଁ ଦିନକୁ ବାରଜଣଙ୍କ ଜୀବନ ଯାଉଥିବାବେଳେ ପାରିବାରିକ ସମସ୍ୟା କାରଣରେ ଓଡ଼ିଶାର ସ୍ଥାନ ଦୁଇ ନମ୍ବରରେ ରହିଛି। ଏହା ସତ୍ୟ ଯେ ଗତ କିଛି ବର୍ଷ ଧରି ଲଗାତାର ଦେଶରେ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। ରାଷ୍ଟ୍ରୀୟ ଅପରାଧ ରେକର୍ଡ଼ ବ୍ୟୁରୋର ସଦ୍ୟତମ ରିପୋର୍ଟ ଅନୁସାରେ ଭାରତରେ ୨୦୧୯ରେ ମୋଟ ୧,୩୯,୧୨୩ ଲୋକ ଆତ୍ମହତ୍ୟା କରିଛନ୍ତି ଅର୍ଥାତ୍ ଦେଶରେ ପ୍ରତି ଚାରିମିନିଟରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛନ୍ତି। ଓଡ଼ିଶାରେ ଏହି ସଂଖ୍ୟା ୪୫୮୨। ୨୦୧୯ରେ ଦୈନିକ ହାରାହାରି ବାରଜଣ ଆତ୍ମହତ୍ୟା କରୁଛନ୍ତି। ପାରିବାରିକ ସମସ୍ୟା କାରଣରୁ ଆତ୍ମହତ୍ୟା ହାର ଅଧିକ। ୪୫୮୨ ଜଣଙ୍କ ମଧ୍ୟରୁ ୨୭୭୯ଜଣ ଏହି କାରଣରୁ ଆତ୍ମହତ୍ୟା କରିଛନ୍ତି। ମୋଟ ଆତ୍ମହତ୍ୟା ଘଟଣା ମଧ୍ୟରୁ ୬୦.୭ ହେଉଛି ପାରିବାରିକ କାରଣ। ୭୬.୪ ପ୍ରତିଶତ ସହ ଉତ୍ତରାଖଣ୍ଡ ରହିଛି ଦେଶର ତାଲିକା ଟପରେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅନ୍ତର୍ଗତ କାର୍ଯ୍ୟ କରୁଥିବା ଏନ୍‌ସିଆରବିର ତଥ୍ୟ ଅନୁସାରେ ୨୦୧୯ରେ ସହରାଞ୍ଚଳରେ ଆତ୍ମହତ୍ୟା ହାର ୧୩.୯ ପ୍ରତିଶତ ରହିଥିଲାବେଳେ ଦେଶରେ ଏହି ହାର ୧୦.୪ ପ୍ରତିଶତ ରହିଛି। ଏହି ବର୍ଷରେ ୫୩.୬ ପ୍ରତିଶତ ଲୋକ ଦଉଡି ଦେଇ ଆତ୍ମହତ୍ୟା କରିଥିଲାବେଳେ ୨୫.୮ ପ୍ରତିଶତ ଲୋକ ବିଷଖାଇ, ୫.୨ ପ୍ରତିଶତ ପାଣିରେ ବୁଡ଼ି ଏବଂ ୩.୮ ପ୍ରତିଶତ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି।

ଦେଶର ମୋଟ ଆତ୍ମହତ୍ୟା ମଧ୍ୟରୁ ୩୨.୪ ପ୍ରତିଶତ ମାମଲା ପାରିବାରିକ ସମସ୍ୟା ପାଇଁ ହୋଇଥିଲାବେଳେ ୧୭.୧ ପ୍ରତିଶତ ମାମଲା ଜଟିଳ ରୋଗ କାରଣରୁ, ୫.୫ ପ୍ରତିଶତ ବୈବାହିକ ସମସ୍ୟା କାରଣରୁ ହୋଇଛି। ୨୦୧୮ ତୁଳନାରେ ୨୦୧୯ରେ ଆତ୍ମହତ୍ୟା ମାମଲାରେ ୩.୪ ପ୍ରତିଶତ ବୃଦ୍ଧି ଘଟିଛି। ପ୍ରତି ୧୦୦ ମାମଲାରୁ ୨୯.୮ ପ୍ରତିଶତ ମହିଳା ଏବଂ ୭୦.୨ ପ୍ରତିଶତ ପୁରୁଷ ଆତ୍ମହତ୍ୟା କରୁଛନ୍ତି। ଆତ୍ମହତ୍ୟାର ସର୍ବାଧିକ ମାମଲା ମହାରାଷ୍ଟ୍ରରେ ଦେଖିବାକୁ ମିଳିଛି। ଏଠାରେ ୨୦୧୯ରେ ୧୮,୯୧୬ ଜଣ ଆତ୍ମହତ୍ୟା କରିଥିଲାବେଳେ ତାମିଲନାଡୁ (୧୩,୪୯୩), ପଶ୍ଚିମବଙ୍ଗ (୧୨,୬୬୫), ମଧ୍ୟପ୍ରଦେଶ (୧୨,୪୫୭), କର୍ଣ୍ଣାଟକ (୧୧,୨୮୮) ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ଅଛନ୍ତି। ୨୦୧୭ରେ ଓଡ଼ିଶାରେ ଆତ୍ମହତ୍ୟା ମାମଲା ୪୪୯୩ ଥିଲାବେଳେ ୨୦୧୯ରେ ଏହା ବୃଦ୍ଧି ପାଇ ୪୫୮୨ରେ ରହିଛି। ଏଥିରୁ ୨୫୯୬ଜଣ ପୁରୁଷ ଥିଲାବେଳେ ୧୯୮୬ଜଣ ହେଉଛନ୍ତି ମହିଳା। ବିଭିନ୍ନ କାରଣରୁ ଲୋକେ ଆତ୍ମହତ୍ୟା ଭଳି ଘୃଣ୍ୟ ନିଷ୍ପତ୍ତି ନେଇଥାଆନ୍ତି। ଆଉ ଓଡ଼ିଶାରେ ଆତ୍ମହତ୍ୟା କରିବାର ସବୁଠୁ ବଡ଼କାରଣ ପାଲଟିଛି ପାରିବାରିକ ସମସ୍ୟା। ପାରିବାରିକ ସମସ୍ୟା କାରଣରୁ ଆତ୍ମହତ୍ୟା କରୁଥିବାର ସର୍ବାଧିକ ହାର ଉତ୍ତରାଖଣ୍ଡରେ ରହିଛି। ଉତ୍ତରାଖଣ୍ଡ ୨୦୧୯ରେ ୫୧୬ ଜଣ ଆତ୍ମହତ୍ୟା କରିଥିଲାବେଳେ ୩୯୪ ଜଣ ଅର୍ଥାତ୍ ୭୬.୪ ପ୍ରତିଶତ ମାମଲା ପାରିବାରିକ ବିବାହ କାରଣରୁ ଘଟିଛି। ଦ୍ୱିତୀୟରେ ରହିଛି ଓଡ଼ିଶା। ଏଠାରେ ମୋଟ ୪୫୮୨ ଜଣଙ୍କ ମଧ୍ୟରୁ ୨୭୭୯ଜଣ ଏହି କାରଣରୁ ଆତ୍ମହତ୍ୟା କରିଛନ୍ତି। ତୃତୀୟରେ ତ୍ରିପୁରା (୫୫.୪%) ଏବଂ ଚତୁର୍ଥରେ ରହିଛି ତାମିଲନାଡୁ (୬୮୪୩-୫୦.୭%)। ୨୦୧୯ ବର୍ଷରେ ଓଡ଼ିଶାରେ ୫୫୮ ଜଣ ଅବିବାହିତ ଯୁବକ, ୬୧୭ ଜଣ ଅବିବାହିତ ଯୁବତୀ ଆତ୍ମହତ୍ୟା କରିଥିଲେ। ମୋଟ ଆତ୍ମହତ୍ୟା ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୨୫୯୬ ଏବଂ ମହିଳାଙ୍କ ସଂଖ୍ୟା ୧୯୮୬ ରହିଛି। ତେବେ ଚିନ୍ତାର ବିଷୟ ହେଉଛି ଯେ ପାରିବାରିକ ସମସ୍ୟା ରାଜ୍ୟରେ ବଢ଼ିବା। ତଥ୍ୟ ସୂଚାଉଛି ରାଜ୍ୟରେ ମୋଟ ଆତ୍ମହତ୍ୟାରୁ ଅଧାରୁ ଅଧିକ ହେଉଛି ଏହି କାରଣ। ବିବାହିତ ଦମ୍ପତି ପାରିବାରିକ ସମସ୍ୟାରେ ଏତେ ଛନ୍ଦି ହୋଇପଡୁଛନ୍ତି ଯେ ବାଧ୍ୟରେ ଆତ୍ମହତ୍ୟା ଭଳି ପନ୍ଥାକୁ ଆପଣାଇବାକୁ ବାଧ୍ୟ ହେଉଛନ୍ତି।

ମନୁଷ୍ୟର ଚେତନା ଯଦି ବ୍ୟକ୍ତିକୈନ୍ଦ୍ରିକ ଓ ଆକାଶଚୁମ୍ବୀ ଆଶା ସହିତ ଜଡ଼ିତ ହୁଏ, ତେବେ ତାର ଚେତନା ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି ଭଳି ନିମ୍ନ ସ୍ତରରେ ଅଟକି ଯିବା ସାର ହେବ ଯେଉଁଠି ନୈରାଶ୍ୟ ଓ ମାନସିକ ଚାପ କବଳରେ ପଡ଼ିଯାଇ ଆତ୍ମହତ୍ୟାର ଶିକାର ହେବା ସହଜ ହେବ। ମୋଟ ଉପରେ କହିବାକୁ ଗଲେ, ପ୍ରତ୍ୟେକ ମନୁଷ୍ୟ ଆସ୍ତିକ ହେଉ ବା ନାସ୍ତିକ, ବୁଝିବା ଉଚିତ ଯେ ଜଡ଼ ଓ ଚେତନା ସମ୍ମିଶ୍ରିତ ଜୀବନ ପ୍ରକୃତିର ଏକ ଅବଦାନ ଯାହାକୁ ସଫଳତା ଓ ବିଫଳତାର ଦ୍ୱାହି ଦେଇ ଆମର ନଷ୍ଟ କରିବାର ଅଧିକାର ନାହିଁ। ଆଶା ଓ ନିରାଶା, ଦୁଃଖ ଓ ସୁଖର ଲୁଚକାଳି ଖେଳ ମଣିଷ ମନରେ ଘଟିବ ହିଁ ଘଟିବ। ସେସବୁ ଆବେଗ ସହିତ ନିଜକୁ ବାନ୍ଧି ହର୍ଷୋତ୍‌ଫୁଲ୍ଲତା କି ନୈରାଶ୍ୟରେ ନିଜକୁ ଭସାଇ ଦେବା ଉଚିତ ନୁହେଁ। ଆଜିର ଶିକ୍ଷା ପ୍ରଣାଳୀରେ ଏପରି ଦାର୍ଶନିକ ଭାବଧାରା ସାମିଲ ହେବା ଉଚିତ। ଭାରତରେ ବି ମେଣ୍ଟାଲ ହେଲ୍‌ଥ କେୟାର ଆକ୍ଟ-୨୦୧୭ରେ ମାନସିକ ରୋଗର ନିରାକରଣ ପାଇଁ ବିଧି ବ୍ୟବସ୍ଥା ହୋଇଛି। ସେହି ଆଇନରେ ମନୋବିଜ୍ଞାନୀମାନଙ୍କ ପରାମର୍ଶ, ସାମାଜିକ କର୍ମୀଙ୍କ ନିଯୁକ୍ତି ଭଳି ଅନେକ ପ୍ରକାର ଉତ୍ତମ ବ୍ୟବସ୍ଥା ବି ରହିଛି। ତେବେ କେବଳ ଆଇନ ଭିତରେ ଏହାକୁ ସୀମିତ ରଖିଲେ ଚଳିବନି, ସେଗୁଡ଼ିକ କାର୍ଯ୍ୟକାରୀ ହେଲେ ହିଁ ଆତ୍ମହତ୍ୟାକୁ ଟାଳି ହେବ। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ନିଯୁକ୍ତି ଯେତେ ମାତ୍ରାରେ ଅଧିକ ହେବ, ସେତେ ମାତ୍ରାରେ ମହିଳାମାନଙ୍କ ଆତ୍ମହତ୍ୟା ପ୍ରବଣତାର ଅବସାନ ଘଟିବ ଯେମିତି ଚୀନରେ ସମ୍ଭବ ହୋଇଛି। ଆତ୍ମହତ୍ୟାକୁ ଏକ ଉତ୍କଟ ସାମାଜିକ ବ୍ୟାଧି ଭାବରେ ଆମକୁ ଗ୍ରହଣ କରିବାକୁ ହେବ। ଏଥିପାଇଁ ସରକାରଙ୍କ ଉପରକୁ କେବଳ ଦାୟିତ୍ୱ ଖସାଇ ଦେଇ ଆମେ ନିରବଦ୍ରଷ୍ଟା ସାଜିଲେ ଲାଭ ହେବନାହିଁ। ସରକାର, ମନୋବିଜ୍ଞାନୀ, ସାମାଜିକକର୍ମୀ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଧାର୍ମିକ, ବ୍ୟକ୍ତିବିଶେଷ, ଦାର୍ଶନିକ, ବୁଦ୍ଧିଜୀବୀ ଓ ଶିକ୍ଷକଙ୍କ ଭଳି ବିଜ୍ଞଜନମାନେ ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସ୍ତରରେ ପ୍ରୟାସ କରିବା ଉଚିତ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ପୁଣି ବିବାଦରେ ଆଦାନୀ ଗ୍ରୁପ୍

॥ ଗୋପାଳ ମହାପାତ୍ର ॥

ହିଣ୍ଡେନବର୍ଗର ରିସର୍ଚ୍ଚ ରିପୋର୍ଟ ପରେ ଏବେ ଅର୍ଗାନାଇଜଡ କ୍ରାଇମ୍ ଆଣ୍ଡ କରପସନ ରିପୋର୍ଟିଙ୍ଗ୍ ପ୍ରୋଜେକ୍ଟ ଆଦାନୀ ଗ୍ରୁପ୍ ବାବଦରେ ଏକ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟରେ କୁହାଯାଇଛି ଯେ ଆଦାନୀ ଗ୍ରୁପର ମାଲିକ ଲୁଚା ଛପାରେ ଲକ୍ଷ ଲକ୍ଷ ଡଲାରର ପୁଞ୍ଜି ନିବେଶ ନିଜର କମ୍ପାନୀରେ କରିଛନ୍ତି। ଅର୍ଥାତ୍ ନିଜ କମ୍ପାନୀର ଲକ୍ଷ ଲକ୍ଷ ଡଲାର୍ ର ଅଂଶ ଧନକୁ ବେଆଇନ୍ ଭାବେ ନିଜେ ହିଁ କିଣିଛନ୍ତି। ଏଥିରେ ବ୍ୟାପକ ଦୁର୍ନୀତି କରିଛନ୍ତି। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଆଦାନୀ ଗ୍ରୁପ୍ ପକ୍ଷରୁ ଅଭିଯୋଗର ଖଣ୍ଡନ କରାଯାଇଛି କିନ୍ତୁ ରିପୋର୍ଟରେ ଯେଉଁ ସବୁ ତଥ୍ୟ ପ୍ରମାଣ ଦିଆଯାଇଛି ସେଥିରୁ ସ୍ପଷ୍ଟ ଯେ ଆଗାମୀ ଦିନରେ ଏହା ଆଦାନୀ ଗ୍ରୁପ୍ ପାଇଁ ଅନେକ ଅସୁବିଧା ସୃଷ୍ଟି କରିବ। ଆଦାନୀ ଗ୍ରୁପ୍ ବିରୋଧରେ ଏ ଯେଉଁ ରିପୋର୍ଟ ଅର୍ଗାନାଇଜଡ କ୍ରାଇମ୍ ଆଣ୍ଡ୍ କରପସନ ରିପୋର୍ଟିଙ୍ଗ୍ ପ୍ରୋଜେକ୍ଟ ଦ୍ୱାର ଜାରି କରାଯାଇଛି ତାକୁ ନେଇ ବିରୋଧି ଦଳ ମାନେ ସରକାରଙ୍କୁ ଘେରିଛନ୍ତି। ଅନ୍ୟ ପକ୍ଷରେ ପ୍ରକାଶିତ ରିପୋର୍ଟ ସତ୍ୟତା ଉପରେ ପର୍ଯ୍ୟବେସିତ ଓ ଅନେକ ପରିଶ୍ରମ କରାଯାଇ ତଥ୍ୟ ଯୋଗାଡ ପରେ ରିପୋର୍ଟ ପ୍ରକାଶ କରାଯାଇଛି ବୋଲି କହିଛି ସଂପୃକ୍ତ ସଂସ୍ଥା। ବିଶ୍ୱର ଦୁଇଟି ପ୍ରମୁଖ ସମ୍ବାଦ ପତ୍ରରେ ଏହି ରିପୋର୍ଟ ପ୍ରକାଶିତ ହୋଇଛି। ବିଶ୍ୱର ଦୁଇଟି ପ୍ରମୁଖ ସମ୍ବାଦ ପତ୍ର ହେଉଛି ଦି ଗାର୍ଡିଆନ ଏବଂ ଦି ଫାଇନାନ୍‌ସିଆଲ୍ ଟାଇମ୍ସ ଏ ଦୁଇ ସମ୍ବାଦପତ୍ରକୁ ବିଶ୍ୱର ଆର୍ଥୀକ ଜଗତ ଅଧିକ ଗୁରୁତ୍ୱ ଦେଇଥାନ୍ତି। ରିପୋର୍ଟ ପ୍ରକାଶ ପାଇବା ପରେ ଆଦାନୀ କମ୍ପାନୀର ୧୦ଟି କମ୍ପାନୀ ମଧ୍ୟରୁ ୯ଟି କମ୍ପାନୀର ଅଂଶ ଧନର ମୂଲ୍ୟ ୨ରୁ ଅଢେଇ ପ୍ରତିଶତ ହ୍ରାସ ପାଇଥିବା ଜଣାପଡିଛି।

ଅର୍ଗାନାଇଜଡ୍ କ୍ରାଇମ୍ ଆଣ୍ଡ୍ କରପସନ୍ ପକ୍ଷରୁ ରିପୋର୍ଟ ପ୍ରକାଶିତ ହେବାପରେ ଭାରତ ସମେତ ସାରା ବିଶ୍ୱରେ ଆଦାନୀ ଗ୍ରୁପ୍‌କୁ ନେଇ କିମ୍ଭୁତ କିମ୍ଭାକାର ସ୍ଥିତି ସୃଷ୍ଟି ହୋଇଛି। କିନ୍ତୁ ଭାରତର ପ୍ରମୁଖ ଗଣମାଧ୍ୟମ ମାନେ ଏ ପ୍ରସଙ୍ଗକୁ ନେଇ ଚୁପ୍ ରହିଛନ୍ତି। ସାମାଜିକ ଗଣମାଧ୍ୟମ ଓ ୟୁଟ୍ୟୁବରେ ଏ ସମ୍ପର୍କରେ ଅଧିକ ତଥ୍ୟ ପ୍ରସାରିତ ହେଉଛି। ରିପୋର୍ଟରେ ଟିକସ ଚୋରୀକୁ ପ୍ରୋତ୍ସାହିତ କରୁଥିବା ଦେଶର ଅନେକ କମ୍ପାନୀ ସମ୍ପର୍କୀତ ତଥ୍ୟ ପ୍ରଦାନ କରାଯାଇଛି। ଏପରିକି ଆଦାନୀ ଗ୍ରୁପର ନେଣ ଦେଣ ପ୍ରସଙ୍ଗ ସମେତ ଆଦାନୀ ଗ୍ରୁପର ଇମେଲକୁ ଭିତ୍ତି କରି ରିପୋର୍ଟ କରାଯାଇଥିବା କଥା ରିପୋର୍ଟରେ ଉଲ୍ଲେଖ ରହିଛି। ରିପୋର୍ଟରେ ରହସ୍ୟମୟ ନିବେଶକ ଏବଂ ବେନାମୀ କମ୍ପାନୀମାନଙ୍କ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରାଯାଇଛି। କେମିତି ଭୁଲ ତଥ୍ୟ ପ୍ରଦାନ କରାଯାଇ ଅଂଶଧନ କ୍ରୟ ବିକ୍ରୟ କରାଯାଇଛି ସେ ବାବଦରେ ରିପୋର୍ଟରେ ଅନେକ ତଥ୍ୟ ପ୍ରଦାନ କରାଯାଇଛି। କେମିତି ଭାରତରୁ କଳାଧନ ବିଦେଶକୁ ପଠାଯାଇଥିଲା ଓ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଟଙ୍କା ଭାରତକୁ ଫେରି ଶେୟାର ବଜାରରେ ନିବେଶ କରାଯାଇଥିଲା ସେ ବାବଦରେ ବିସ୍ତୃତ ବିବରଣୀ ରିପୋର୍ଟରେ ରହିଛି।

ରିପୋର୍ଟ ପ୍ରକାଶ କରିଥିବା ସଂସ୍ଥା ଅର୍ଗାନାଇଜଡ୍ କ୍ରାଇମ୍ ଆଣ୍ଡ କରପସନ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ଆଦାନୀ ପରିବାର ସହ ନାସିର ଅଲ୍ଲୀ ଏବଂ ଚେଙ୍ଗ ଚୁଙ୍ଗଙ୍କର ସମ୍ପର୍କ ଦୀର୍ଘ ଦିନରୁ ରହିଥିଲା। ଏମାନେ ଆଦାନୀ ଗ୍ରୁପ୍‌ରେ ନିବେଶ କରିଥିଲେ। ଗୌତମ ଆଦାନୀଙ୍କ ଭାଇ ବିନୋଦ ଆଦାନୀଙ୍କ ସହ ନାସିର ଅଲ୍ଲୀ ଓ ଚେଙ୍ଗ ଚୁଙ୍ଗଙ୍କର ଘନିଷ୍ଠତା ଥିଲା ଏବଂ ବିନୋଦଙ୍କ କମ୍ପାନୀର ଏ ଦୁହେଁ ହେଉଛନ୍ତି ଅଂଶୀଦାର। ବିନୋଦଙ୍କ ପରାମର୍ଶ କ୍ରମେ ଏ ଦୁହେଁ ଆଦାନୀ ଗ୍ରୁପ୍‌ରେ ପୁଞ୍ଜି ନିବେଶ କରିଥିଲେ। ସେବି ସୁପ୍ରମ୍‌କୋର୍ଟଙ୍କ ଆଦେଶ ପରେ ଆଦାନୀ ଗ୍ରୁପ୍ ବିରୋଧରେ ହିଡେନ୍‌ବର୍ଗ ରିପୋର୍ଟ ଉପରେ ତଦନ୍ତ କରିଥିଲା ଓ ରିପୋର୍ଟ ସୁପ୍ରିମ୍‌କୋର୍ଟଙ୍କୁ ଦେଇଥିଲା। କିନ୍ତୁ ଟିକସ ଚୋରୀକୁ ପ୍ରୋତ୍ସାହିତ କରୁଥିବା ଦେଶ ମାନଙ୍କରୁ ଆସୁଥିବା ପୁଞ୍ଜି ବାବଦରେ ତଦନ୍ତ କରାଯିବା କଥା ହେଲେ ସେବି ଏ ବାବଦରେ ଅସମର୍ଥତା ପ୍ରଦର୍ଶନ କରିଥିଲା। ସେବି ପକ୍ଷରୁ ସୁପ୍ରିମ୍‌କୋର୍ଟଙ୍କୁ କୁହାଯାଇଥିଲା ଯେ ସବୁ ତଥ୍ୟ ଏକତ୍ରିତ କରିବା ସେହି ପକ୍ଷରୁ ସମ୍ଭବ ନୁହେଁ। ହିଡେନ୍‌ବର୍ଗ ରିପୋର୍ଟ ପରେ ଏବେ ପ୍ରକାଶ ପାଇଥିବା ଅର୍ଗାନାଇଜ୍‌ଡ କ୍ରାଇମ୍ ଆଣ୍ଡ କରପୋରେସନ ରିପୋର୍ଟ ଆଦାନୀ ଗ୍ରୁପ୍ ପାଇଁ ଅସୁବିଧା ସୃଷ୍ଟି କରିବ ନିଶ୍ଚୟ। ଆଦାନୀ ଗ୍ରୁପ୍ ଭାରତରେ କରାଯାଉଥିବା ତାଙ୍କ ବିରୋଧରେ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ କିନ୍ତୁ ଆନ୍ତର୍ଜାତୀୟ ସ୍ତରରେ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିପାରିବେ ନାହିଁ। ଆମେରିକା ଓ ଅନ୍ୟ ଦେଶ ମାନଙ୍କରେ ଏଭଳି ମାମଲାର ତଦନ୍ତ ସ୍ୱନନ୍ତ୍ର ସଂସ୍ଥା କରିଥାନ୍ତି। ସେସବୁ ଦେଶରେ ସରକାର ତଦନ୍ତ କାରୀ ସଂସ୍ଥା ଉପରେ ଚାପ ପ୍ରୟୋଗ କରନ୍ତିନି। ଆଦାନୀ ଗ୍ରୁପର ବ୍ୟବସାୟ ଏବଂ ନିବେଶ ବିଶ୍ୱର ଅନେକ ଦେଶରେ ରହିଥିବାବେଳେ ଅନେକ ଆନ୍ତର୍ଜାତୀୟ ସଂସ୍ଥାରୁ ଆଦାନୀ ଗ୍ରୁପ୍ ଋଣ ମଧ୍ୟ ଆଣିଛି। ଏଣୁ ତଦନ୍ତ ବେଳେ ଆଦାନୀ ଗ୍ରୁପ୍‌କୁ ସମସ୍ତ ତଥ୍ୟ ତଦନ୍ତକାରୀ ସଂସ୍ଥାକୁ ଦେବାକୁ ପଡିବ।

କୁହାଯାଉଛି ଯେ ବିଗତ କିଛି ବର୍ଷ ମଧ୍ୟରେ ଆଦାନୀ ଗ୍ରୁପ୍ ଅନେକ ଆର୍ଥୀକ ଅନିୟମିତତା କରିଛି। ଆନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରତିଷ୍ଠିତ କରାଇବା ପାଇଁ କରାଯାଇଥିବା ବେଆଇନ କାର୍ଯ୍ୟ ଏବେ ଆଦାନୀ ଗ୍ରୁପ୍ ପାଇଁ କାଳ ପାଲଟିବାକୁ ଯାଉଛି। ଅନେକ ଆର୍ଥୀକ ବିଶେଷଜ୍ଞଙ୍କ ମତରେ ଅର୍ଗାନାଇଜଡ୍ କ୍ରାଇମ୍ ଆଣ୍ଡ କରପୋରେସନ ସଂସ୍ଥାର ରିପୋର୍ଟ ପ୍ରକାଶ ପାଇବା ପରେ ପୁଁ ନିବେଶକ ତଥା ଅନେକ ବ୍ୟାଙ୍କ ଓ ଜୀବନ ବୀମା ନିଗମ ଭଳି ସଂସ୍ଥାମାନେ ପ୍ରଭାବିତ ହେବେ। ଭାରତୀୟ ଜୀବନ ବୀମା ନିଗମ ଓ ଅନେକ ବ୍ୟାଙ୍କ ଆଦାନୀ ଗ୍ରୁପ୍‌ରେ ବ୍ୟାପକ ଅର୍ଥ ନିବେଶ କରିଛନ୍ତି। ଯଦି ପ୍ରକାଶିତ ଏହି ରିପୋର୍ଟ ସତ୍ୟ ହୋଇଥାଏ ତେବେ ଭାରତର ଅର୍ଥ ବ୍ୟବସ୍ଥା ଏଥିପାଇଁ ପ୍ରଭାବିତ ହେବ ନିଶ୍ଚୟ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଝରୀଗାଁ ପୋଲିସର ସଚେତନତା କାର୍ଯ୍ୟକ୍ରମ



ଝରୀଗାଁ, (ମହାଭାରତ) : ଦିନକୁ ଦିନ ଯାନବାହାନ ଦୁର୍ଘଟଣାରେ ଅନେକ ଧନ ଜୀବନ କ୍ଷୟ କ୍ଷତି ଘଟୁଥିବା ବେଳେ ଲୋକଙ୍କୁ ସଚେତନ କରିବା ଲାଗି ବିଭିନ ପ୍ରକାର ଉପାୟ ଅବଲମ୍ବନ କରାଯାଉଛି, ସେହିଭଳି ଆଜି ଝରୀଗାଁ ପୋଲିସ ବିଭାଗ ତରଫରୁ ଏକ ପ୍ରକାର ପ୍ରୟାସ କରାଯାଇଥିବା ଦେଖିବାକୁ ମିଳିଥିଲା , ରାସ୍ତାରେ ଯାଉଥିବା ଚାରିଚକିଆ ଯାନ ଏବଂ ବାଇକ କୁ ଅଟକାଇ ଯେଉଁମାନେ ସିଟ ବେଲ୍ଟ ଏବଂ ହେଲମେଟ ପିନ୍ଧିଥିଲେ ସେଭଳି ଲୋକଙ୍କୁ ଚକୋଲେଟ ଦେଇ ଉତ୍ସାହିତ କରାଯାଇଥିଲା ଏବଂ ବିନା ହେଲମେଟ ଏବଂ ବିନା ସିଟବେଲ୍ଟ ରେ ଯାଉଥିବା ଯାତ୍ରୀ ବା ଚାଳକ ଙ୍କୁ ଅଟକାଇ ସେମାନଙ୍କୁ ସଚେତନ କରାଯାଇ ହେଲମେଟ ଓ ସିଟବେଲ୍ଟ ବ୍ୟବହାର ଲାଗି କୁହାଯାଇଥିଲା, ବାଇକରେ ଯାତ୍ରା କଲାବେଳେ ହେଲମେଟ ପିନ୍ଧିବା, ବାଇକରେ ଦୁଇ ରୁ ଅଧିକ ଯାତ୍ରା ନ କରିବା ଏବଂ ସମସ୍ତେ ହେଲମେଟ ବ୍ୟବହାର କରିବା , ବିନା ଡ୍ରାଇଭିଙ୍ଗ ଲାଇସେନ୍ସରେ ଯାନବାହାନ ନ ଚଲେଇବା,ଚାରି ଚକିଆ ଯାନବାହାନ ଚଳାଉଥିଲେ ସିଟବେଲ୍ଟ ବାନ୍ଧିବା,ଦ୍ରୁତଗତିରେ ଯାନବାହାନ ନଚଲେଇବା,ଗାଡି ଚଲେଇବା ସମୟରେ ମାଦକ ଦ୍ରବ୍ୟ ସେବନ ନ କରିବା ,ଏବଂ ଟ୍ରାଫିକ ନିୟମ ମାନି ଗାଡି ଚଲେଇବା ଓ ସୁରକ୍ଷିତ ଯାତ୍ରା ଲାଗି ପରାମର୍ଶ ଦିଆଯାଇଥିଲା।

## ଠାକୁରମୁଣ୍ଡା ଅଞ୍ଚଳରେ ଘୁର୍ଣ୍ଣିଝଡ଼ ସହ କୁଆ ପଥର ମାଡରେ ବ୍ୟାପକ କ୍ଷତି

କରଞ୍ଜିଆ, (ମହାଭାରତ) : ମଙ୍ଗଳବାର ଦିନ ଘୁର୍ଣ୍ଣିଝଡ଼ ସହ କୁଆ ପଥର ମାଡରେ ଠାକୁରମୁଣ୍ଡା ବ୍ଲକ ର ଜରକ ପଞ୍ଚାୟତ, ଜରକ ଗ୍ରାମ ର ବାଫାଲ ସାହି,



ଖୁଦିଶିଳା ଗ୍ରାମ, ମହୁଲଡ଼ିହା ଗ୍ରାମପଞ୍ଚାୟତ ଜମୁନାଳିଆ ଗ୍ରାମ ରେ ଏହାର ପ୍ରଭାବରେ ବ୍ୟାପକ କ୍ଷତି ହୋଇଥିବା ବେଳେ ଜରକ ଗ୍ରାମପଞ୍ଚାୟତ ଘଣ୍ଟିଆଦର ଗ୍ରାମ, ତରାମରା ଗ୍ରାମପଞ୍ଚାୟତ ର ପୋତରତୋଳା ସାହି, ମହୁଲଡ଼ିହା ଗ୍ରାମପଞ୍ଚାୟତ ମହୁଲଡ଼ିହା , ସାତକୋଶିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାତକୋଶିଆ ଓ ଖୁମଠାଣ ଗ୍ରାମ ,ଭରାଣ୍ଡିହା ଗ୍ରାମପଞ୍ଚାୟତ ର ବାଉଁଶଡ଼ିହା ,ଗମ୍ଭାରୀଆ, ଭରାଣ୍ଡିହା ଆଦି ଗ୍ରାମ ଗୁଡିକରେ ରେ କୁଆ ପଥର ମାଡରେ ପରିବା ଓ ତରଭୁଜ ଚାଷ କ୍ଷତି ହୋଇଥିବା ର ସୂଚନା ମିଳିଛି।ବିଶେଷ କ୍ଷତିଗ୍ରସ୍ତ ଗ୍ରାମ ଗୁଡିକୁ ଠାକୁରମୁଣ୍ଡା ତହସିଲଦାର, ବିଡ଼ିଓ ପହଞ୍ଚି ଅନୁଧ୍ୟାନ କରିଛନ୍ତି।ବନବିଭାଗ,ଅଗ୍ନିଶମ ବିଭାଗ ପହଞ୍ଚି ରାସ୍ତାରେ ପଡିଥିବା ଗଛ ଗୁଡିକୁ କାଟି ରାସ୍ତା ସଫା କରିଛନ୍ତି।ଦିନ ପ୍ରାୟ ୩ ଟା ସମୟରେ ଘୁର୍ଣ୍ଣି ଝଡ଼ ସହ କୁଆ ପଥର ପଡିଥିଲା।କୁଆ ପଥର ମାଡରେ ଜମୁନାଳିଆ ଗ୍ରାମ ର ଅନେକ ଙ୍କ ଆଜବେଷ୍ଟ ଛାଉଣୀ ଘର ଆଜବେଷ୍ଟ କଣା ହୋଇଯିବା ସହ ପନିପରିବା ଚାଷ ବ୍ୟାପକ ଭାବରେ କ୍ଷତି ଘଟିଛି।ସେହିପରି ପ୍ରାରମ୍ଭିକ ସୂଚନା ଅନୁଯାଇ ଜରକ ଗ୍ରାମ ବାଫାଲ ସାହିରେ ପବନ ସହ କୁଆ ପଥର ମାଡରେ ଇନ୍ଦ୍ରମଣି ଦେଓଗାମ,ଅନନ୍ତ ସିଦ୍ଧୁ, ସାଇରାମ ପୂର୍ତ୍ତୀ, ରାଜେଶ ବଦ୍ରା, ସଂଜୀବ ପୂର୍ତ୍ତୀ,ବିରସିଂ ସମାଡ଼ ଙ୍କ ଘର ଛାଉଣୀ ପବନରେ ଉଡ଼ିନେଇ ନଷ୍ଟ କରିଛି।ସେହିପରି ଜରକ ଗ୍ରାମର ହରିହର ସାଆଁ, ଲକ୍ଷ୍ମୀଧର ସାୟା,କାଉଁରୀ ସାୟା, ବିକ୍ରମ ହେମ୍ବ୍ରମ, ଜଙ୍ଗା ସାୟା,କାଇରୀ ସାୟା, ମନୋଜ ସାୟା, ଜଗା ସାୟା ଙ୍କ ଘର ସମେତ ଅନେକ ଙ୍କ ଛାଉଣୀ ଉଡାଇ ନେଇଥିବା ବେଳେ ଜରକ ଠାରେ ଥିବା ଲ୍ୟାମ୍ପ ଗୃହ, ଘଣ୍ଟିଆଦର ଗ୍ରାମ ର ପ୍ରାଥମିକ ବିଦ୍ୟାଳୟର ଛାଉଣୀ ଉଡାଇ ନେଇଛି।ଖୁଦିଶିଳା ଗ୍ରାମ ର ସଂଜୁ ଲତା ନାୟକ ଙ୍କ ଘର ଛାଉଣୀ ଉଡାଇ ନେଇଛି।ଏହି ଗ୍ରାମ ଗୁଡିକ ରେ ଲୋକମାନେ କରିଥିବା ଧାନ ଓ ପରିବା ଚାଷ,ତରଭୁଜ ଚାଷ କୂଆ ପଥର ମାଡରେ କ୍ଷତିଗ୍ରସ୍ତ ହୋଇଥିବାର ସୂଚନା ମିଳିଛି।ରାତ୍ରି ହୋଇଯିବାରୁ ସମସ୍ତ ତଥ୍ୟ ମିଳି ପାରି ନାହିଁ।

## ବେଲପଡ଼ା ଗ୍ରାମଠାରେ ତିନି ଦିନ ଧରି ଚାଲିଥିବା ନବ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ସଂପୂର୍ଣ୍ଣ

କଳାହାଣ୍ଡି, (ମହାଭାରତ) : ଭବାନୀପାଟଣା ସଦର ବ୍ଲକ୍ ଅନ୍ତର୍ଗତ ବୋରଭଟା ଗ୍ରାମପଞ୍ଚାୟତର ବେଲପଡ଼ାଗ୍ରାମ ଠାରେ ନବ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ତିନିଦିନ ପାଳିତ ହେଉଛି । ଶନିବାର ଦିନ ସଂଧ୍ୟା ୪ ଘେଣ୍ଟା ସମୟରେ ଗ୍ରାମ ତଥା ଆଖପାଖ ଗ୍ରାମର ମା ମାଉସୀ ଏକତ୍ରିତ ହୋଇ ଗ୍ରାମ ଉପକଣ୍ଠରେ ଥିବା ସାଗର ଗଙ୍ଗା ତ୍ରିଶୁଳ ପୋଖରୀ ରେ ପହଞ୍ଚି ଗଙ୍ଗାମାତାଙ୍କ ପୂଜାର୍ଚ୍ଚନା କରି କଳସ ରେ ଜଳପୂର୍ଣ୍ଣ କରି ବିରାଟ ସୋଭା ଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ସ୍ଥାନରେ ପହଞ୍ଚି କଳସ ସ୍ଥାପନ କରାଯାଇ ରବିବାର ସକାଳ ୮ଘଣ୍ଟା ସମୟରୁ ଏହି ମହାଯଜ୍ଞ ଆରମ୍ଭ ହୋଇଥିଲା ଶାନ୍ତିକୁଞ୍ଜ ହରିଦ୍ୱାର ଗାୟତ୍ରୀ ପୀଠର ନିର୍ଦ୍ଦେଶକ୍ରମେ ପ୍ରତିବର୍ଷ ଯଜ୍ଞ ଅନୁଷ୍ଠିତ ହୋଇଥାଏ, ଚଳିତ କାର୍ଯ୍ୟକ୍ରମରେ ମିନିକେତନ ପାତ୍ରଙ୍କୁଟୋଲି ରୂପରେ ବରଣ କରି ମୁଖ୍ୟ ଭୂମିକାର ନିର୍ବାହ ଗ୍ରହଣ କରାଯାଇ ଯଥାରିତୀରେ ପୂଜାର୍ଚ୍ଚନା କରିବା ଦାଇତ୍ୱ ଅର୍ପଣ କରାଯାଇଥିଲା । ଏହିଯଜ୍ଞ ଶାଳାରେ ଅଞ୍ଚଳର ହଜାର ହଜାର ଭକ୍ତ ଯୋଗ ଦେଇ ମୁଣ୍ଡନ ସସ୍କାର ୧୫ଟି କୁଣ୍ଡା ବରୁ.୭ଟି ବିବାହ.୧ଟି ପୁସଂବନସସ୍କାର ୧୨ଟି ହୋଇଥିଲା ସଂଧ୍ୟାରେ ପ୍ରବଚ?ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବାରେ।ଗ୍ରାମର ବାବୁଲି ବାଗ, କୁମୁଦ ବାଗ, କାର୍ତ୍ତୀକ ଗହିର, ଜୟରାମ ଗହିର ବିରଞ୍ଚ ନାରାୟଣ ବାଗ, ପକ୍ଷ ବାଗ, ସୋରଜ ବାଗଙ୍କ ସମେତ ଗ୍ରାମବାସି ଏକତ୍ରିତ ହେଇ ନବ କୁଣ୍ଡିୟ ଗାୟତ୍ରୀମହା ଯଜ୍ଞକୁ ସୋମବାର ଦିନ ପୂର୍ଣ୍ଣାହୁତି ଦେବାସହ ଯଜ୍ଞ ସଂପୂର୍ଣ୍ଣ କରିଥିଲେ।

## ଶିତଳ ପଡ଼ିଗଲାଣି ଅଯୋଗ୍ୟ ହିତାଧିକାରୀ ଯାଞ୍ଚ ପ୍ରକ୍ରିୟା : ଆପଣାଛାଏଁ ଫେରାଉ ନାହାନ୍ତି ରାସନ କାର୍ଡ, ୬୮୧୪ ଅଯୋଗ୍ୟ ଓ ୧୭,୭୦୪ ମୃତ ହିତାଧିକାରୀ ବାଦ୍

ନୟାଗଡ, (ମହାଭାରତ) : ବର୍ଷ ବର୍ଷ ଧରି ସରକାରଙ୍କ ୫ ଟଙ୍କିଆ ଚାଉଳକୁ ଲୁଟି ଚାଲିଥିଲେ। କେବଳ ଚାଉଳ କାହିଁକି, ରାସନ କାର୍ଡ ମାଧ୍ୟମରେ ସରକାର ଯୋଗାଇ ଦେଉଥିବା ସମସ୍ତ ପ୍ରକାର ସୁବିଧା ସୁଯୋଗକୁ ମଧ୍ୟ ଉପଭୋଗ କରି ଚାଲିଥିଲେ। ମାତ୍ର ସରକାରଙ୍କ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା (ଏଚ୍ଆର୍ ?ଏସ୍ଏସ୍) ପୋର୍ଟାଲ ଜିଲ୍ଲାରେ ରାସନ କାର୍ଡ ହାତେଇଥିବା ଏହି ସରକାରୀ ବାବୁ ମାନଙ୍କର ମୁଖା ଖୋଲି ଯାଇଥିଲା। ସମସ୍ତଙ୍କୁ ନୋଟିସ୍ ଜାରି କରାଯିବା ପରେ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ରୁ ବର୍ତ୍ତିବା ପାଇଁ ସେମାନେ ନିଜ ପଟୁ କାର୍ଡ ଫେରାଇ ଦେଉଥିଲେ। ଏହାସହ ଜିଲ୍ଲା ଯୋଗାଣ ବିଭାଗ ମଧ୍ୟ ନିଜେ ସର୍ଭେ କରି ମୃତକଙ୍କ ନାଁ କୁ ମଧ୍ୟ ଏହି ଯୋଜନାରୁ ବାଦ୍ ଦେଉଛି। ମାତ୍ର ବର୍ତ୍ତମାନ ଏହି ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶିଥିଳ ପଡ଼ି ଯାଇଥିବା ଦେଖିବାକୁ ମିଳୁଛି। ଏଚ୍ଆର୍ ?ଏମଏସ୍ ପୋର୍ଟାଲରେ ସରକାରୀ ବାବୁ ମାନଙ୍କର ସମସ୍ତ ତଥ୍ୟ ରହିଥାଏ।



ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ଚିହ୍ନଟ କରିବା ପାଇଁ ସରକାରଙ୍କ ପକ୍ଷରୁ ଇ-କେଓ୍ୱାଇସି କରାଗଲା। ରାସନ କାର୍ଡର ପ୍ରତ୍ୟେକ ହିତାଧିକାରୀ ନିଜର ଅଙ୍ଗୁଳି ଛାପ କିମ୍ବା ଆଖି ସ୍କାନ୍ କରି ଇ-କେଓ୍ୱାଇସି କରିବାକୁ ନିୟମ କରାଯାଇଛି। ଫଳରେ ବର୍ଷ ବର୍ଷ ଧରି ସରକାରଙ୍କୁ ଠକି ଚାଲିଥିବା ଏହି ବାବୁ ମାନେ ଧରାପଡ଼ିଛନ୍ତି। ଜିଲ୍ଲା ଯୋଗାଣ ବିଭାଗର ତଥ୍ୟ ମୁତାବକ, ନୟାଗଡ଼ରେ ରାଜ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ମୋଟ୍ ୭ ଲକ୍ଷ ୪୧ ହଜାର ୫୦୯ ଜଣ ରାସନ କାର୍ଡ ହିତାଧିକାରୀ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ଯେତିକି ଯାଞ୍ଚ କରାଯାଇଛି ସେଥିରୁ ୧୮୩୧ଟି କାର୍ଡ ଓ ଏଥିରେ ସାମିଲ ଥିବା ୬, ୮୧୪ ଜଣଙ୍କୁ ବାଦ୍ ଦିଆଯାଇଛି। ଏହାସହ ୧୭, ୭୦୪ ଜଣ ମୃତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ, ସେମାନଙ୍କୁ ତାଲିକାରୁ ହଟାଇ ଦିଆଯାଇଛି । ଇତି ମଧ୍ୟରେ ୩୫,୯୧୦ ଜଣ ହିତାଧିକାରୀ ନୂଆ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି। ସେଥି ମଧ୍ୟରୁ ୭୯୩୩ ଟି କାର୍ଡ ହିତାଧିକାରୀ ଙ୍କୁ ବଣ୍ଟା ଯାଇଛି। କେବଳ ସେତିକି ନୁହେଁ ଯାଞ୍ଚ କରାଯାଇ ନୂତନ ଭାବେ ଆବେଦନ କରାଯାଇଥିବା ୧୮, ୦୨୮ଟି ରାସନ କାର୍ଡକୁ ବାଦ୍ ଦିଆଯାଇଛି। ଯୋଗାଣ ବିଭାଗ ଅଯୋଗ୍ୟ ବୋଲି ଦର୍ଶାଇ କାଟି ଦେଉଥିବା ହିତାଧିକାରୀ ମାନେ ପୁଣି ଥରେ ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରୁଛନ୍ତି। ଫଳରେ ଜିଲ୍ଲା ଯୋଗାଣ ବିଭାଗକୁ ସେଥିପାଇଁ ଜୋରଦାର କସରତ କରିବାକୁ ପଡୁଛି। ଜିଲ୍ଲା ଯୋଗାଣ ଅଧିକାରୀ ସିଏଚ୍. ମୁରଲିକ୍ରିଷ୍ଣାଙ୍କ ସୂଚନା ମୁତାବକ, ପୂର୍ବ ପରି ଆପଣାଛାଏଁ ଅଯୋଗ୍ୟ ହିତାଧିକାରୀ ମାନେ ରାସନ କାର୍ଡ ଆଉ ଫେରାଉ ନାହାନ୍ତି। ଫଳରେ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ, ସେମାନଙ୍କୁ ଯୋଜନାରୁ ବାଦ୍ ଦିଆଯାଉଛି। ବାଦ୍ ପଡ଼ିବା ପରେ ମଧ୍ୟ ପୁଣି ଥରେ ଯୋଜନାରେ ସାମିଲ ହେବା ପାଇଁ ସେମାନେ ଆଉ ଥରେ ଆବେଦନ କରି ଦେଉଛନ୍ତି। ଏହାସହ ମୃତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ବାଦ୍ ଦିଆଯାଉଛି। ଖାଉଟି ସାମଗ୍ରୀ ପାଇଁ ନୁହେଁ ବରଂ ରାସନ କାର୍ଡ ହିତାଧିକାରୀଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଉଥିବା ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା ଯୋଗୁଁ ବହୁ ପରିମାଣରେ ଅଯୋଗ୍ୟ ସାମିଲ ହେବାକୁ ପ୍ରୟାସ କରୁଛନ୍ତି।

## ନୟାଗଡରେ ଗୋରୁ ଚାଲାଣ ରାକେଟ୍ ସକ୍ରିୟ : ତିନି ବର୍ଷରେ ୩୪୦ ଗୋରୁ ଜବତ, ୭୦ ଗିରଫ, ଛତିଶଗଡ଼ ଓ କୋଲକାତାକୁ ଲମ୍ବିଛି ଚେର

ନୟାଗଡ, (ମହାଭାରତ) : ଇଟାମାଟି ଥାନା ପୁଲିସ ଗତ ମାସରେ ଏକ ଗୋରୁ ବୋଝେଇ ଟ୍ରକ୍ ଜବତ କରିଥିଲା। ସେହିପରି ଗୋ ମାଂସକୁ ନେଇ ଦଶପଲ୍ଲା ଏନ୍ଏସି ରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। କେବଳ ସେତିକି ନୁହେଁ ନୟାଗଡ଼ ଟାଉନ୍ ଓ ସଦର ଥାନା ପୁଲିସ ମଧ୍ୟ ପୂର୍ବରୁ ମଇଁଷି ବୋଝେଇ ଗାଡ଼ି ଜବତ କରିଛି। ଯାହାକି ଜିଲ୍ଲାରେ ଗୋରୁ ଚାଲାଣ ର୍‍ୟାକେଟ୍ ଧୀରେ ଧୀରେ ସକ୍ରିୟ ହେଉଥିବା ପ୍ରମାଣ କରୁଛି। ଗତ ତିନି ବର୍ଷର ପରିସଂଖ୍ୟାନକୁ ଦେଖିଲେ ଧୀରେ ଧୀରେ ଜିଲ୍ଲାରେ ଗୋ' ଚାଲାଣ ରାକେଟ୍ ବଢୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପୁଲିସ କେବଳ ଗାଡ଼ି ଚାଳକ ଓ ସହାୟକ ମାନଙ୍କୁ ଗିରଫ କରି ଚୁପ୍ ବସି ଯାଉଛି। ମାତ୍ର ଏ ସମ୍ପୂର୍ଣ୍ଣ କାରବାର ପଛରେ ରହିଥିବା ମାଫିଆ ମାନଙ୍କୁ ଠାବ କରିବା ପାଇଁ ପୁଲିସ ଏ ପର୍ଯ୍ୟନ୍ତ ସକ୍ଷମ ହେଉ ନାହିଁ। ଫଳରେ ଏହି କାରବାର ଉପରେ ରୋକ୍ ଲଗାଯାଇ ପାରୁନାହିଁ। ମିଳିଥିବା ସୂଚନା ମୁତାବକ, ୨୦୨୩ ରେ ଜିଲ୍ଲାରେ ଗୋରୁ ଚାଲାଣକୁ ନେଇ ୧୬ଟି ମାମଲା ରୁଜୁ କରାଯାଇଥିବା ବେଳେ ୨୦୨୪ରେ ୧୯ଟି ଓ ୨୦୨୫ରେ ୧୧ଟିକୁ ମିଶାଇ ମୋଟ୍ ୪୬ଟି ମାମଲା ରୁଜୁ କରାଯାଇଛି। ଏହି ତିନି ବର୍ଷ ମଧ୍ୟରେ ୨୦୨୩ରେ ୯୦ଟି, ୨୦୨୪ରେ ୧୨୮ଟି ଓ ୨୦୨୫ଟି ୧୨୨କୁ ମିଶାଇ ମୋଟ୍ ୩୪୦ଟି ଗୋରୁ ଜବତ କରାଯାଇଛି। ଏହି ଚଢ଼ଉ ସମୟରେ ଅଧିକାଂଶ ଫେରାର ହୋଇଯାଉଥିବା ବେଳେ ପୁଲିସ ତିନି ବର୍ଷରେ ୭୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ମଧ୍ୟରୁ ୨୦୨୫ରେ ଏହି ମାମଲାରେ ଏବେ ବି ୫ ଜଣ ଫେରାର ରହିଥିବା ପୁଲିସ ପକ୍ଷରୁ ଦର୍ଶାଯାଇଛି। ନୟାଗଡ଼ ସହର ଓ ଏହାର ଉପକଣ୍ଠରେ ଲଗାତାର ଭାବେ ଗୋରୁ ଚାଲାଣ କରାଯାଉଛି। ବଜରଙ୍ଗୀ ସେନା ଓ ବିଶ୍ୱ ହିନ୍ଦୁ ପରିଷଦ କର୍ମୀ ହୁଅନ୍ତୁ ଅବା ସ୍ଥାନୀୟ ପୁଲିସ ନଜରକୁ ଆସିବା ପରେ ଏହି ଗାଡ଼ି ଗୁଡ଼ିକୁ ଜବତ କରାଯାଉଛି। ନଚେତ୍ ଅତି ଆରାମରେ ନୟାଗଡ଼ ଜିଲ୍ଲା ର ରାସ୍ତାରେ ବାହାର ରାଜ୍ୟକୁ ଗୋରୁ ଚାଲାଣ କରି ଦିଆଯାଉଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ, ମାଫିଆ ମାନେ ଛତିଶଗଡ଼ରୁ ଗୋରୁ ଓ ମଇଁଷି ସଂଗ୍ରହ କରି ନୟାଗଡ଼କୁ ଆଣି ବିଭିନ୍ନ ସ୍ଥାନରେ ଲୁଚାଇ ରଖୁଛନ୍ତି। ଏଠାରେ ପଶ୍ଚିମବଙ୍ଗର ବ୍ୟବସାୟୀ ମାନେ ପହଞ୍ଚି ଟଙ୍କା ଦେବା ପରେ ରାତାରାତି ଗୋରୁ ମାନଙ୍କୁ ଚାଲାଣ କରାଯାଉଛି। ଗୋରୁ ମାନଙ୍କୁ ଏହି ମାଫିଆ ମାନେ ଯେମିତି ଢଙ୍ଗରେ ପିକଅପ୍ ଭ୍ୟାନ୍‌ରେ ଖୁନ୍ଦି ନେଉଛନ୍ତି, ଏହାକୁ ଦେଖିଲେ ଯିଏ କେହି ବି ବିଚଳିତ ହୋଇପଡ଼ିବ। ଏହି କାରବାର କରୁଥିବା ମାଫିଆ ମାନେ ଆଦୌ ସାମ୍ନାକୁ ନ ଆସି, ଅନ୍ୟ ମାନଙ୍କ ଦ୍ୱାରା ଗୋରୁ ଗାଡ଼ି ଗୁଡ଼ିକୁ ପାର୍ କରାଇ ଦେଉଛନ୍ତି। ଏମିତିକି ପୁଲିସ ଗିରଫ କରୁଥିବା ଗାଡ଼ି ଚାଳକ ହୁଅନ୍ତୁ ବା ସେମାନଙ୍କୁ ସହଯୋଗୀ ମାନଙ୍କୁ ଜାମିନରେ ଆଣି ପୁଣି ଥରେ ଏହି କାରବାରରେ ସାମିଲ କରୁଛନ୍ତି। ପୁଲିସ ମଧ୍ୟ ଏହି ଘଟଣାକୁ ସେତେଟା ଗୁରୁତ୍ୱ ପ୍ରଦାନ କରୁନାହିଁ। ଖାଲି ଗିରଫ କରି ନିଜର କାମ ଶେଷ କରି ଦେଉଛି। ପ୍ରକୃତରେ ସେମାନେ କେଉଁଠୁ ଏତେ ପରିମାଣରେ ଗୋରୁ ଆଣୁଛନ୍ତି ଓ କାହାକୁ ଦେଉଛନ୍ତି, ଏହାର ତଦନ୍ତ ହେଉ ନାହିଁ। ଏହାକୁ ନେଇ ପଶୁ ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଖେଳିଯାଇଛି। ଏଣୁ ଦିଗରେ ବରିଷ୍ଠ ପୁଲିସ ଅଧିକାରୀ ମାନେ ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।





## ଅଭିଶପ୍ତ ଗ୍ରାମ ଦୁଗୁଧା ତୋଟାସାହି

କପ୍ତିପଦା, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗଡିଆ ଗ୍ରାମ ପଞ୍ଚାୟତର ୯ ନମ୍ବର ୱାର୍ଡରେ ଅବସ୍ଥିତ ଦୁଗୁଧା 'ତୋଟାସାହି' ଗ୍ରାମ। ଏଠି ୪୫ ଗୋଟି ଆଦିବାସୀ ହୋ' ସମ୍ପ୍ରଦାୟର ଲୋକ ବସବାସ କରନ୍ତି, ଜନସଂଖ୍ୟା ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ। ଏହି "ତୋଟାସାହି' ଗ୍ରାମ ଦୁଗୁଧା ରାମକଣ୍ଡା ପର୍ବତର ପାଦଦେଶରେ ଅବସ୍ଥିତ। ଏହା ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିବାରୁ ଗ୍ରାମକୁ କେବେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ପାଦ ପଡେ ନାହିଁ। ଗ୍ରାମବାସୀ ଜଙ୍ଗଲରୁ ଶାଳପତ୍ର ତୋଳି ଆଣି ସିଲାଇ କରି ବିକ୍ରି କରିଲେ ତେଲ ଲୁଣର ସଂସାର ଚଳେ। ମହୁଲ ଫୁଲ ସଂଗ୍ରହ କରି ବିକିଲେ ସଂସାର ଚଳେ। ଗ୍ରାମରେ ପାନୀୟ ଜଳର ସମସ୍ୟା ରହିଛି । ଗ୍ରାମରେ ଆଜି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଗୋଟିଏ ହେଲେ ମଧ୍ୟ ନଳକୂପ ଖନନ କରାଯାଇ ନାହିଁ। ଗ୍ରାମବାସୀ ଗ୍ରାମରେ ଖୋଳିଥିବା ଚୁଆରୁ ଅତ୍ୟନ୍ତ ଦୟନୀୟ ଭାବେ ପାଣି ସଂଗ୍ରହ କରୁଥିବା ଭଳି ଦୟନୀୟ ଦୃଶ୍ୟ ଦେଖିବାକୁ ମିଳୁଛି। ଚୁଆ ଏବଂ ଝରଣାର ପାଣି ବ୍ୟବହାର କରୁଥିବାରୁ ଏମାନେ ବିଭିନ୍ନ ସମୟରେ ରୋଗାକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି। କଳମଗୋଡିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏହି "ତୋଟାସାହି' ଗ୍ରାମ୬କିଲୋମିଟର ଦୂରତାରେ ଅବସ୍ଥିତ । ଆଜି ପର୍ଯ୍ୟନ୍ତ ଗ୍ରାମକୁ ନାହିଁ ପାଦଚଲା ରାସ୍ତା, ଗର୍ଭବତୀ ମହିଳା ଏବଂ ରୋଗୀମାନେ ଖଟିଆ ଦ୍ୱାରା ପଞ୍ଚାୟତ କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ବୋହା ହେଲା ପରେ ହିଁ ଆମ୍ବୁଲାନ୍ସ ଗାଡି ଧରି ଶରତ ଡାକ୍ତରଖାନାକୁ ପହଞ୍ଚନ୍ତି । ମନରେଗା( ପରିବର୍ତ୍ତିତ ଭିବିଜିରାମଜି) ଯୋଜନାରେ ଗ୍ରାମରେ ରାସ୍ତା ନିର୍ମାଣ ହୋଇ ପାରି ନାହିଁ।ମୁଖ୍ୟମନ୍ତ୍ରୀଏବଂପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ସତେ ଯେମିତି ଏହି ଗ୍ରାମ ପାଇଁ ସ୍ୱପ୍ନ ପାଲଟି ଯାଇଛି। ସରକାରଙ୍କ ମାଳମାଳ ଯୋଜନା ସତ୍ୱେ ଗ୍ରାମବାସୀ ଆଜି ବି ବିକାଶର ସୂର୍ଯ୍ୟାଲୋକକୁ ଦେଖିବା ପାଇଁ ଅପେକ୍ଷା କରି ରହିଛନ୍ତି । ଗ୍ରାମବାସୀ ଦୁଃଖର ବଳୟ ମଧ୍ୟରେ ଅତ୍ୟନ୍ତ କଷ୍ଟମୟ ଜୀବନ ବିତାଉଛନ୍ତି। ପାନୀୟ ଜଳର ସମସ୍ୟା ସମାଧାନ କରିବା ନିମନ୍ତେ ଗ୍ରାମରେ ୨ ଗୋଟି ନଳକୂପ ଖନନ କରାଯିବାକୁ ଗ୍ରାମର ତୁଳସୀ ସୁରିନ, ସୋମବାରୀ ପୂର୍ତ୍ତି, ସୁରୁ ପୂର୍ତ୍ତି, ଜୀଙ୍ଗି ଶୁଣ୍ଡି, ପାଣ୍ଡୁ ସିଂ ପୂର୍ତ୍ତି, ମହାନ୍ତି ସୟ ଏବଂ ଜାମ୍ବିରା ହେମ୍ବ୍ରମ ପ୍ରମୁଖ ଆକୁଳ ନିବେଦନ କରିଛନ୍ତି। କପ୍ତିପଦା ବ୍ଲକ ପାନୀୟ ଜଳ ବିଭାଗ ଯନ୍ତ୍ରୀ ସୃଷ୍ଟିଧର ବେହେରା କହିଛନ୍ତି - ରାସ୍ତା ସମସ୍ୟା ଯୋଗୁଁ ଗ୍ରାମକୁ ନଳକୂପ ଖନନ ଗାଡ଼ି ପଶି ପାରୁ ନ ଥିବାରୁ ଆମେ ନଳକୂପ ଖନନ କରି ପାରୁ ନାହାଁନ୍ତି। ଗ୍ରାମରେ ରାସ୍ତା ଘାଟର ଉନ୍ନତିକରଣ କରାଯିବା ନିମନ୍ତେ ଉଭୟ ଜିଲ୍ଲା ପ୍ରଶାସନ ଏବଂ କପ୍ତିପଦା ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରନ୍ତୁ ବୋଲି କଳମଗଡିଆ ପଞ୍ଚାୟତର ଯୁବ ସମାଜସେବୀ ଗୁଲୁରାମ ଲାମାଏ ନିବେଦନ କରିଛନ୍ତି। ସମସ୍ୟା ସମାଧାନ ନ ହୋଇ ପାରିଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କପ୍ତିପଦା, (ମହାଭାରତ) : ଗ୍ରାମ ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର। ଉଦଳା ଥାନା ନାବରା ସଂରକ୍ଷିତ ଶାଳ ଜଙ୍ଗଲ ଭିତରୁ ଜଣେ ଯୁବକଙ୍କ ଅଜଣା ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ଗ୍ରାମ ଜଙ୍ଗଲରେ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସ କୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ ପରିଚୟ ମିଳି ପାରିଥିବା ବେଳେ ମୃତଦେହ ନିକଟରେ ଏକ ସାଇକେଲ ରହିଛି। ଉକ୍ତ ସାଇକେଲଟି ମୃତକଙ୍କର ହୋଇଥିବା ପୋଲିସ ଅନୁମାନ କରୁଛି। ସେପଟେ ପାରିପାର୍ଶ୍ୱିକ ପରିସ୍ଥିତି ରୁ ଏହା ଏକ ଆତ୍ମହତ୍ୟା ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତ ରୁ ଅନୁମାନ କରୁଥିବା ବେଳେ ଘଟଣାର ଖୋଳତାଡ଼ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଐତିହାସିକ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା ପାଳିତ

ଦଶପଲ୍ଲା, (ମହାଭାରତ): ୧୮୦୨ ମସିହାରୁ ଚାଲି ଆସୁଥିବା ଐତିହାସିକ ବିଶ୍ୱ ପ୍ରସିଦ୍ଧ ଦଶପଲ୍ଲା ଲଙ୍କାପୋଡି ଯାତ୍ରା ୨୨୪ ବର୍ଷର ପ୍ରଥା ଅନୁଯାୟୀ ରାମ ନବମୀ ଠାରୁ ଆରମ୍ଭ ହୋଇଥିଲା । ପ୍ରତ୍ୟେକ ରାତ୍ର ରେ ରାମଲୀଳାର ବିଭିନ୍ନ ପ୍ରସଙ୍ଗ କୁ ନେଇ ମୁଖ୍ୟ ଖୋଲା ମଞ୍ଚରେ ପରିବେଷଣ ହୋଇ ଆସୁଥିବା ବେଳେ ଆଜି ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ଲଙ୍କାପୋଡି ଯାତ୍ରା (ରାବଣ ବଧ) ଅନୁଷ୍ଠିତ ହୋଇଛି । ଅନ୍ୟପଟେ ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ୩୫ଫୁଟ ଉଚ୍ଚ ବିଶିଷ୍ଟ କାଷ୍ଠ ନିର୍ମିତ ଚଳନକ୍ଷମ ରାବଣ ମୁର୍ତ୍ତି ସହିତ ପୁଷ୍ପକ ବିମାନ । ଅନ୍ୟ ଏକ ମୁଖ୍ୟ ଆକର୍ଷଣ ହେଉଛି ରାବଣ ବଧ ପାଇଁ ରାମଚନ୍ଦ୍ର ପ୍ରେରଣ କରୁଥିବା ' ବ୍ରହ୍ମାସ୍ତ୍ର ' । ଏହା ହେଉଛି ଭାରତ ବର୍ଷର ଅନନ୍ୟ ଘଟଣା। ଏଥି ସହିତ ଗାନ୍ଧୀ ପଡ଼ିଆ ଠାରେ ବାଣକାର ଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତିଯୋଗିତାମୂଳକ ଆତସବାଜି ମଧ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ। ଲଙ୍କାପୋଡ଼ି ଯାତ୍ରାକୁ କିଭଳି ସରସ ସୁନ୍ଦର ଭାବେ ଶେଷ କରାଯିବା ନିମନ୍ତେ ପୁଲିସ ପ୍ରଶାସନ ଏବଂ ଯାତ୍ରା କମିଟି ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଯାତ୍ରା କୁ ଅଧିକ ସରସ କରିବାକୁ ମୀନାବଜାର, ରାମଦୋଳି, ଡ଼ଙ୍ଗା ଦୋଳି ଓ ବିଭିନ୍ନ ଦୋକାନ ଖୋଲାଯାଇଛି । ହଜାର ହଜାର ଭକ୍ତଙ୍କ ସମାବେଶରେ ବିରାଟ ପଟୁଆରରେ ରାମ -ରାବଣ ଯୁଦ୍ଧ ମହାବୀର ମନ୍ଦିର ଠାରୁ ବାହାରି ଯାତ୍ରା ପଡ଼ିଆରେ ବ୍ରହ୍ମଶର ଦ୍ୱାରା ରାବଣ ନିପାତ ହୋଇଥିଲା। ପୋଲିସ ପ୍ରଶାସନ , ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗର ସହଯୋଗ ରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନା ହୋଇଥିଲା।

## ଦଶରଥପୁର -ମଙ୍ଗଳପୁର ଅଞ୍ଚଳରେ ଗ୍ୟାସ ସଙ୍କଟ

ଦଶରଥପୁର, (ମହାଭାରତ ): ଯୁଦ୍ଧ ପରିସ୍ଥିତିକୁ ନେଇ ଦେଶରେ ଜାଳେଣି ଗ୍ୟାସର ଅଭାବ ଦେଖା ଦେଇଥିବା ବେଳେ ରାଜ୍ୟ ସରକାର ଗ୍ୟାସର ଅଭାବ ନାହିଁ ଏବଂ ରାଜ୍ୟରେ ପ୍ରଚୁର ପରିମାଣରେ ଗ୍ୟାସ ମହଜୁଦ ଅଛି ବୋଲି ବାହାସ୍ଫଟା ମାରୁଛନ୍ତି ବୋଲି ଏବେ ଜନସାଧାରଣରେ ଅଭିଯୋଗ ହୋଇଛି। ଏପରି ସ୍ଥଳେ ଦଶରଥପୁର - ମଙ୍ଗଳପୁର ଅଞ୍ଚଳରେ ଗ୍ୟାସ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବା ପାଇଁ ମିଳିଛି। ଅଭିଯୋଗ ଅନୁଯାଇ ଗରିବ ଜନସାଧାରଣ ମାନଙ୍କୁ ସରକାର ସବସିଡି ଜରିଆରେ କମ ଦାମରେ ରାସନ କାର୍ଡ ମାଧ୍ୟମରେ ଉଜାଲା ଗ୍ୟାସ ଯୋଗେଇ ଦେଇଥିବା ବେଳେ ଅଧିକାଂଶ



ଗରିବ ଶ୍ରେଣୀର ଲୋକ ମାନେ ମଧ୍ୟ ଏହାର ସୁବିଧା ନେବାରୁ ବଞ୍ଚିତ ହେଉଥିଲେ । ସବସିଡି ମାଧ୍ୟମରେ ଜଣେ ହିତାଧିକାରୀଙ୍କୁ ବର୍ଷକୁ ପ୍ରାୟ ୧୨ ଟି ଗ୍ୟାସ ଯୋଗେଇ ଦେଉଥିବା ବେଳେ ଅନେକ ହିତାଧିକାରୀ ବର୍ଷକୁ ୩-୪ ଟି ଗ୍ୟାସ ନେବା ମଧ୍ୟ ସେମାନଙ୍କ ପାଇଁ ସମ୍ଭବ ହେଉନଥିଲା। ଅନେକ ସ୍ଥାନରେ ଡିଲର ମାନେ ଏହାର ସୁଯୋଗରେ ହିତାଧିକାରୀ ମାନଙ୍କ କଞ୍ଜୁମର ନମ୍ବରରେ ଅନଲାଇନ ମାଧ୍ୟମରେ ଗ୍ୟାସ ବୁକିଂ କରି ଅଧିକ ଦାମରେ କଳା ବଜାରରେ ବିକ୍ରି କରିଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ କଞ୍ଜୁମର ମାନଙ୍କ ନମ୍ବରକୁ ଓଟିପି ଯାଇନଥିବା ବେଳେ ଗ୍ୟାସ ବିତରଣ ଏଜେନ୍ସି ମାନେ ଚତୁରତାର ସହ ଅନ୍ୟ ଏକ ମୋବାଇଲ ନମ୍ବରକୁ ଓଟିପି ପଠାଇ କଂଜୁମରଙ୍କ ଖାତାରୁ ଗ୍ୟାସ ଉଠାଇ ଚୋରାରେ ବିକ୍ରି କରିଥିବା ନେଇ ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ବର୍ତ୍ତମାନ ଜଣେ କଞ୍ଜୁମର ଥରେ ଗ୍ୟାସ ବୁକିଂ କରିବାର ୪୫ ଦିନ ପରେ ପୁଣି ଥରେ ବୁକିଂ କରିବାର ନିୟମ କାର୍ଯ୍ୟକାରୀ ହେବା ପରେ ବର୍ତ୍ତମାନ ଗ୍ୟାସ ସଙ୍କଟ ଦେଖା ଦେଇଛି।ଏପରି ସ୍ଥଳେ ଅନେକ ହିତାଧିକାରୀ ଗ୍ୟାସ ନେବା ପାଇଁ ନିଜ ମୋବାଇଲରେ ବୁକିଂ କରୁଥିବା ବେଳେ ସେମାନଙ୍କର ବୁକିଂ ହେଉନଥିବା ବେଳେ ହିତାଧିକାରୀ ମାନେ ନିଜର ବହି ନେଇ ଗ୍ୟାସ ଅଫିସକୁ ଯିବା ପରେ ସେମାନଙ୍କ ଖାତାରୁ ତାଙ୍କ ଅଜଣାତରେ ଗ୍ୟାସ ଉଠାଯାଇଥିବା ଜାଣିବା ପାଇଁ ପାଉଛନ୍ତି।ଯାହାକୁ ନେଇ ଏବେ ଉପୋଭୋକ୍ତା ମହଲରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ୟାସ ବିତରଣ କମ୍ପାନୀ ପକ୍ଷରୁ ହୋଇଥିବା ଅନିୟମିତତାର ତଦନ୍ତ କରି ଯୋଗାଣ ବିଭାଗ ଓ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ପରିଚୟ ହରାଇଲାଣି ଭଟିମୁଣ୍ଡାର କଂସା, ପିତ୍ତଳ ଶିଳ୍ପ

### ଦିନେ ଥିଲେ ୫ ହଜାର କାରିଗର, ଏବେ ୧୦୦ରେ ସୀମିତ



କଟକ: ପରିଚୟ ହରାଇବାକୁ ବସିଲାଣି ଟାଙ୍ଗୀ ବ୍ଲକ୍ ଭଟିମୁଣ୍ଡାର ପ୍ରସିଦ୍ଧ କଂସା, ପିତ୍ତଳ ହସ୍ତଶିଳ୍ପ। ସରକାରୀ ପ୍ରୋତ୍ସାହନର ଅଭାବ ସହିତ ଏହି ହସ୍ତଶିଳ୍ପ ପ୍ରତି ଆନ୍ତରିକତାର ଅଭାବ ସ୍ପଷ୍ଟ ଦେଖାଯାଉଛି। ଯେଉଁଥିପାଇଁ ଏକଦା ଏଠାରେ ୫ ହଜାର ଲୋକ ହସ୍ତଶିଳ୍ପରେ ନିୟୋଜିତ ଥିବାବେଳେ ଏବେ ଏହି ସଂଖ୍ୟା ପାଖାପାଖି ୧୦୦କୁ ଖସିଆସିଛି। କେବଳ ସେତିକି ନୁହେଁ, ବଜାରରେ ଫାଇବର, ଷ୍ଟିଲ୍, ଆଲୁମିନିୟମ୍, କାଚ ସାମଗ୍ରୀଗୁଡ଼ିକ ଖୁବ୍ କମ୍ ଦରରେ ମିଳିଯାଉଥିବାରୁ କଂସା, ପିତ୍ତଳରେ ତିଆରି ବାସନକୁସନ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରତି ଗ୍ରାହକଙ୍କ ରୁଚିରେ ପରିବର୍ତ୍ତନ ମଧ ଦେଖିବାକୁ ମିଳିଛି। ତିନୋଟି ରାଜସ୍ୱ ଗ୍ରାମ ଗାଁରବା, ସାରଙ୍ଗା, ଭଟିମୁଣ୍ଡାକୁ ନେଇ ଭଟିମୁଣ୍ଡା ପଞ୍ଚାୟତ ଗଠନ ହୋଇଥିଲା। ଏଠାକାର ୭ ହଜାର ଲୋକଙ୍କ ଭିତରୁ ପାଖାପାଖି ୮୦ ପ୍ରତିଶତ କଂସାରୀ। ସେମାନେ ହାତରେ କଂସାର ବିଭିନ୍ନ ବାସନକୁସନ ଗରା, ହଣ୍ଡା, ତସଲା, ଡାଳ, ଥାଳି ଇତ୍ୟାଦି ତିଆରି କରି ବଜାରରେ ବିକ୍ରି କରିଥାନ୍ତି। ଭଟିମୁଣ୍ଡାର କଂସାରୀମାନଙ୍କୁ ପୁରୀ ଶ୍ରୀମନ୍ଦିର ପକ୍ଷରୁ ମହାପ୍ରଭୁଙ୍କ ଘଣ୍ଟ ସେବା ପାଇଁ ସ୍ୱତନ୍ତ୍ର ଭାବେ ନିୟୋଜନ କରାଯାଇଥାଏ। ପୁରୀ ସ୍ୱବଲିପିରେ ମଧ ଏହା ଉଲ୍ଲେଖ ରହିଛି। ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଘଣ୍ଟସେବାରେ ଏମାନେ ନିୟୋଜିତ ହୋଇଥାନ୍ତି। ଏସବୁ ସତ୍ତ୍ୱେ ଏହି କଂସାରୀମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। କଂସା ଓ ପିତ୍ତଳ ସାମଗ୍ରୀ ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲ ପ୍ରାୟତଃ କୋଲକାତା କିମ୍ବା କଟକରୁ ମିଳିଥାଏ। କିନ୍ତୁ କଞ୍ଚାମାଲ ଅଣାଯିବା ସମୟରେ ସେମାନଙ୍କୁ ବହୁ ଜୁଲୁମ ସହିବାକୁ ପଡୁଥିବା ଅଭିଯୋଗ ହୋଇଛି। ସେହିପରି କାଠ ଚୁଲିରେ କଞ୍ଚାମାଲ୍ ତରଳାଯାଇ ମିଶ୍ରଣ କରାଯିବା ଓ ପରେ ହାତରେ ବାଡ଼େଇ ବାଡ଼େଇ ବାସନକୁସନର ଆକୃତି ଦିଆଯାଉଥିବାରୁ ସେହି ସାମଗ୍ରୀର ମୂଲ୍ୟ ବହୁତ ଅଧିକ ହୋଇଥାଏ। କଂସା କିଲୋଗ୍ରାମ୍ ପିଛା ପାଖାପାଖି ୨୮୦୦ ଟଙ୍କା ଥିବାବେଳେ ପିତ୍ତଳ ପାଖାପାଖି ୧୫୦୦ ଟଙ୍କା। ହେଲେ ଏହା ତୁଳନାରେ ଷ୍ଟିଲ୍, ଫାଇବର୍ ବାସନର ଦାମ୍ ଢେର କମ୍। ଏଣୁ ଲୋକମାନେ ଏହାକୁ କିଣିବାକୁ ଆଗ୍ରହ ଦେଖାଉ ନାହାନ୍ତି।

## ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପ୍ରବେଶିକା ଉତ୍ସବ ପାଳନ



ନୂଆଗାଁ (ମହାଭାରତ ) : ନୂଆଗାଁ ବ୍ଲକ ସଦରମହକୁମାରେ ଥିବା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ନୂଆଗାଁରେ ପ୍ରବେଶିକା ଉତ୍ସବ ପାଳନ ହୋଇଯାଇଛି। ସରକାର ଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକର ବିଭିନ୍ନବିଦ୍ୟାଳୟ ମାନଙ୍କରେ ଏହି ଉତ୍ସବ ପାଳନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମସେନ ଦାସ ଙ୍କ ତତ୍ତ୍ୱାବଧାନରେ ଆଜି ନୂଆଗାଁ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶିକା ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ସହକାରୀ ସୁଷମା ସାହୁ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ପ୍ରବେଶିକା ଉତ୍ସବ ପାଳନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ମାନେ ସାମିଲ ହୋଇଥିଲେ।

## କଣିହାଁ ବ୍ଲକ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିର



ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ: (ମହାଭାରତ):ଆଜି ଅନୁଗୋଳ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ଅନୁଗୋଳ ଅବ୍ଦାଲ ଏମ୍ ଅଖତରଙ୍କ ଉପସ୍ଥିତି ରେ ମୋଟ ୮୩ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ବ୍ୟକ୍ତିଗତ ଭାବେ - ୫୭ ଟି ଓ ଗ୍ରାମ୍ୟ ଭିତ୍ତିକ ଭାବେ - ୨୬ଟି । ଏହି ଶିବିର ସ୍ଥଳରେ ତୁରନ୍ତ ୦୯ ଟି ଅଭିଯୋଗର ଫଏସଲା କରାଯାଇଥିଲା । ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ପାଞ୍ଚ ଜଣଙ୍କୁ ଯଥା ବୁରୁକୁନା ପଞ୍ଚାୟତର ରାଜେନ୍ଦ୍ର ବେହେରା ଓ କୁମ ବାରିକ ଉଭୟଙ୍କୁ କର୍କଟ ରୋଗର ଚିକିତ୍ସା ନିମନ୍ତେ ୧୫,୦୦୦ ଓ ୭,୫୦୦ ଟଙ୍କା ଲେଖାଏଁ ଏବଂ ବଜ୍ରକୋଟ ପଞ୍ଚାୟତର ନିରଞ୍ଜନ ନାଏକ ଏବଂ ତ୍ରିଲୋଚନ ବିଶି ଉଭୟଙ୍କୁ କିଡନୀ ରୋଗର ଚିକିତ୍ସା ନିମନ୍ତେ ୧୫,୦୦୦ ଟଙ୍କା ଲେଖାଏଁ ଏବଂ ବିଜିଗୋଳ ପଞ୍ଚାୟତର କାଳନ୍ଦୀ ଚରଣ ଦାସଙ୍କୁ ଚିକିତ୍ସା ନିମନ୍ତେ ୫୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଅଭିଯୋଗ ମୁଖ୍ୟତଃ ଗ୍ରାମ୍ୟ ସମସ୍ୟା, କଳକାରଖାନା ଦ୍ୱାରା ଅଧିଗୃହୀତ କ୍ଷତିଗ୍ରସ୍ତ ପ୍ରଜାଙ୍କ ନିଯୁକ୍ତି ଏବଂ ଥଇଥାନ ସମସ୍ୟା, ଜମିଜମା ସମ୍ବନ୍ଧରେ, ରାସ୍ତାଘାଟ ମରାମତି , ପିଇବା ପାଣି, ଭତ୍ତା, ରାସନ, ଘର ଏବଂ ବ୍ୟକ୍ତି ଗତ ସମ୍ବନ୍ଧରେ ଆସିଥିଲା । ଏଥିରେ ଉପସ୍ଥିତ ଥିଲେ । ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ମୁଖ୍ୟ ଚିକିତ୍ସା ଅଧିକାରୀ ମଦନ ମୋହନ ପ୍ରଧାନ,ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ ,ଉପଜିଲ୍ଲାପାଳ ତାଳଚେର ଆଶିଷ ରଞ୍ଜନ ସାହୁ,ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଚିନ୍ମୟ ଦାସ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏହି ଶିବିରରେ ଉପସ୍ଥିତ ଥିଲେ ।

## ମା ଚମ୍ପାଦେଇ ଙ୍କ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ

ବାଲିପାଟଣା ( ମହାଭାରତ ) ବାଲିପାଟଣା ସ୍ଥାନୀୟ ନବାଟି ଗ୍ରାମସ୍ଥିତ ମା'ଚମ୍ପଦେଇ ଚତୁର୍ଥତମ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆୟୋଜିତ ଏହି ମହୋତ୍ସବରେ ବିଶ୍ୱର ମଙ୍ଗଳ କାମନା କରି ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଏହି ପବିତ୍ର ଯଜ୍ଞ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଶ୍ରୀ ନାରାୟଣ ବେହେରା ଓ ଶ୍ରୀମତୀ ମମତା ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ବୈଦିକ ରୀତିନୀତି ଅନୁଯାୟୀ ମନ୍ତ୍ର ପାଠ ଓ ଆହୁତି ପ୍ରଦାନ କରାଯାଇ ଅଞ୍ଚଳର ସୁଖଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ମହତ୍ କାର୍ଯ୍ୟରେ ଅତିଥି ଭାବେ ଅକ୍ଷୟ କୁମାର ଭୋଇ, କେଦାରନାଥ ଭୋଇ, ପ୍ରଶାନ୍ତ କୁମାର ଭୋଇ, ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ବେଣୁଧର ଭୋଇ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୋଭା



ବର୍ଦ୍ଧନ କରିଥିଲେ। ମା ଚମ୍ପାଦେଇ ଟ୍ରଷ୍ଟର ଟ୍ରଷ୍ଟି ପ୍ରସନ୍ନ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯଜ୍ଞରେ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ସହଯୋଗ କରିଥିଲେ। ଯଜ୍ଞକୁ ସଫଳ କରିବାରେ ସୁରେନ୍ଦ୍ର ଭୋଇ, ପବନ ଭୋଇ, ତ୍ରିନାଥ ଭୋଇ, ସଞ୍ଜୀବ ବେହେରା, ପ୍ରକାଶ କୁମାର ଭୋଇ, ପ୍ରଦୀପ କୁମାର ଭୋଇ, ଶାନ୍ତିଲତା ଭୋଇ, ପ୍ରଭାତ ଭୋଇ, ପୂର୍ଣ୍ଣଚନ୍ଦ୍ର ରାଉତ, ନିତ୍ୟାନନ୍ଦ ଭୋଇ, ସୂର୍ଯ୍ୟମଣି ଭୋଇ ଓ ସୌଭାଗ୍ୟ ବେହେରାଙ୍କ ସମେତ ଗ୍ରାମର ସମସ୍ତ ଯୁବଗୋଷ୍ଠୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସମ୍ପୂର୍ଣ୍ଣ ସଭା କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର ବେହେରା ପରିଚାଳନା କରିଥିଲେ।

## କାଳବୈଶାଖୀ ପ୍ରଭାବ ରେ ବର୍ଷା ଓ କୁଆପଥର ବୃଷ୍ଟି

କପ୍ତିପଦା -(ମହାଭାରତ ):କପ୍ତିପଦା - କାଳବୈଶାଖୀ ପ୍ରଭାବ ରେ ବର୍ଷା ଓ ପ୍ରବଳ କୁଆପଥର ବୃଷ୍ଟି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଗୋପବନ୍ଧୁନଗର ବ୍ଲକ କୁଆମରା ଅଞ୍ଚଳ ର ବିଭିନ୍ନ ଗ୍ରାମ ରେ ଆଜି ଅପରାହ୍ନ ୩ ଟା ସମୟ ରେ ବର୍ଷା ଓ କୁଆପଥର ବୃଷ୍ଟି ହୋଇଥିଲା। କୁଆପଥର ମାଡ଼ ରେ କିଛି ଆଜିବେଷ୍ଟର ଘର ଭାଙ୍ଗିଥିବା ସୂଚନା ମିଳିଛି। ତେବେ ଏହି କୁଆ ପଥର ବୃଷ୍ଟି ପାଖାପାଖି ୧୦ ମିନିଟ ହୋଇଥିବା ଜଣା ପଡିଛି। ଗୋପବନ୍ଧୁନଗର ବ୍ଲକ କିଛି ଅଞ୍ଚଳ ସମେତ ଖୁଣ୍ଟା ବ୍ଲକ ର କିଛି ସ୍ଥାନ ରେ ମଧ ବର୍ଷା ଓ କୁଆପଥର ବୃଷ୍ଟି ହୋଇଛି।

## ମା ମଙ୍ଗଳାଙ୍କ ପ୍ରସିଦ୍ଧ ଝାମୁଯାତ୍ରା, ଅଗ୍ନିରେ ଚାଲିଲେ ପାଟୁଆ



କାକଟପୁର(ମହାଭାରତ) : ବୈଶାଖମାସ ପ୍ରଥମ ମଙ୍ଗଳ ବାର ମା ମଙ୍ଗଳା ଙ୍କର ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି, ରାଜ୍ୟ ରେ ଥିବା ଅନେକ ଶକ୍ତିପୀଠ ମାନଙ୍କ ଭିତରେ କାକଟପୁର ରେ ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କର ଶକ୍ତିପୀଠ ଅନ୍ୟତମ, ପ୍ରତ୍ୟକ ଶକ୍ତି କ୍ଷେତ୍ର ରେ ପଣା ସଂକ୍ରାନ୍ତି ରେ ଝାମୁ ଅନୁଷ୍ଠିତ ହେଉଥିବାବେଳେ କାକଟପୁର ମା ମଙ୍ଗଳା ଙ୍କ ନିକଟରେ ବୈଶାଖ ମାସ ପ୍ରଥମ ମଙ୍ଗଳବାର ଏହା ଅନୁଷ୍ଠିତ ହୁଏ, ମା ମଙ୍ଗଳା ହେଉଛନ୍ତି ପରମ ବୈଷ୍ଣବୀ,ପୁରାଣ ବର୍ଣ୍ଣିତ ଅନୁସାରେ ସିଂହଳ ଦୀପ ରେ ମା ଥିଲେ, ଆମ ସାଧବ ପୁଅ ମାନେ ବାଣିଜ୍ୟ କରିବାକୁ ଯାଇ ସେଠୁ ମା ମଙ୍ଗଳା ଙ୍କୁ ଉଦ୍ଧାର କରି ପ୍ରାଚୀ ନଦୀ ରେ ଆସୁଥିବା ସମୟରେ ପ୍ରାଚୀ ଗର୍ଭ ରେ ବୋଇତ ବୁଡିଗଲା, ପୁରୀ ରାଜା ଙ୍କୁ ସ୍ୱପ୍ନାଦେଶ ହୋଇଥିଲା ମୁଁ ସର୍ବମଙ୍ଗଳା ମୋତେ ଉଦ୍ଧାର କର, ରାଜା ଙ୍କ ନିର୍ଦ୍ଦେଶ ରେ ଦୁଇ ଜଣ କାମାକ୍ଷା ସାଧକ ହଟ ଓ ଭଟ ଦୀକ୍ଷିତ ଆସି ଚୈତ୍ର ମାସ ପ୍ରଥମ ମଙ୍ଗଳ ବାର ରୁ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ଚାରି ମଙ୍ଗଳ ବାର ସରିଯାଇଛି ଓ ବୈଶାଖ ମାସ ଆରମ୍ଭ ହେଲାଣି କିନ୍ତୁ ମା ଙ୍କର ସନ୍ଧାନ ପାଇନଥିଲେ ଶେଷ ରେ ଦୁଇ ସାଧକ ବୈଶାଖ ମାସ ପ୍ରଥମ ମଙ୍ଗଳ ବାର ଶପଥ ନେଲେ ଆଉ ଯଦି ଆଜି ମା ଙ୍କର ସନ୍ଧାନ ନମିଳେ ତାହେଲେ ସେମାନେ ଯଜ୍ଞ କୁଣ୍ଡ ରେ ନିଜକୁ ଝାସ ଦେବେ, ଶେଷ ରେ ଶୂନ୍ୟ ବାଣୀ ହୋଇଥିଲା ଯେଉଁଠି କାକ ପକ୍ଷୀ ପଡିବ ସେହି ସ୍ଥାନରେ ମୁଁ ରହିଛି ମୋତେ ଉଦ୍ଧାର କର, ଆଜି ରେ ସେହି ଦିନ ହେଉଛି ଝାମୁ, ଯାହାକୁ ନେଇ ପାଟୁଆ କାଳେଶୀ ମାନେ ଚୈତ୍ର ମାସ ରୁ ମା ଙ୍କର ବ୍ରତ ଧାରଣ କରନ୍ତି, ମା ଙ୍କର ପୂଜା କରି ଆଜି ମା ଙ୍କ ନିକଟରୁ ଆଜ୍ଞା ମାଳ ନେବା ପରେ ପ୍ରାଚୀ ରେ ଘଟ ତୋଳା ଘାଟ ରୁ ପାଣି ତୋଳି ପୁନଶ୍ଚ ମା ଙ୍କ ନିକଟରେ ସମର୍ପିତ ହୋଇ ଆଜ୍ଞା ମାଳ ଆଣି ମା ଙ୍କର ପୂର୍ବ ଦ୍ୱାର ଐଶାନ କୋଣ ପାଖରେ ଅଗ୍ନି କୁଣ୍ଡ ରେ ଖାଲି ପାଦ ରେ ଚାଲି ନିଜ ମାନସିକ ପୁରଣ କରିବା ସହ ଘ□ ପାଟୁଆ ନୃତ୍ୟ ପରିବେଷଣ କରନ୍ତି, ଆଜି ରାତ୍ର ସମୟରେ ମା ଙ୍କ ଦ୍ୱାର ଫିଟା ପରେ ମଙ୍ଗଳ ଆରତୀ, ସ୍ନାନ ମାର୍ଜନା ବେଶ ହେବା ପରେ ଭକ୍ତ ମାନେ ମା ଙ୍କୁ ଦର୍ଶନ କରିଥିଲେ।

## ରଣପୁର ଯୁବ କଂଗ୍ରେସର ବୁଥ୍ ଯୋଡ ଯୁଥ ଯୋଡ କାର୍ଯ୍ୟକ୍ରମ ଅନୁଷ୍ଠିତ




ରଣପୁର, ( ମହାଭାରତ ) : ନୟାଗଡ ଜିଲ୍ଲା ରଣପୁର ବ୍ଲକ ଯୁବ କଂଗ୍ରେସ ଦ୍ୱାରା ଆଜି ଲୋଧାଛୁଆ ପଞ୍ଚାୟତ ମା ଖିଲାମୁଣ୍ଡ ମନ୍ଦିର ପରିସରେ ବୁଥ ଯୋଡ ଯୁଥ ଯୋଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଣପୁର ର କଂଗ୍ରେସ ନେତା ବିଭୂପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବକ ମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି କିପରି ରଣପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଅଧିକାଂଶ ଜିଲ୍ଲା ପରିଷଦ ଦଖଲ କରିବ ସେ ନେଇ ଯୁବକ ମାନଙ୍କୁ ପରାମର୍ଶ ଦେଇଥିଲେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରୟ ଯୁବକ ମାନେ ଆଗକୁ ଆସି ସରକାରଙ୍କ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହ ସୁସ୍ଥ ଗଣତନ୍ତ୍ରରେ ଯୁବକ ମାନଙ୍କର ଭୂମିକା ସମ୍ପର୍କରେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଆଶୀରନଓ୍ୱାଜ ଅଭିଭାଷଣ ଦେଇଥିଲେ। ବୁଥ୍ ସ୍ତରରୁ ଦଳକୁ ସୁଦୃଢ଼ କରିବା ସହ ପଞ୍ଚାୟତ ନିର୍ବାଚନ ରେ ଅଧିକରୁ ଅଧିକ ପଞ୍ଚାୟତ ଦଖଲ କରାଯିବ ସେ ନେଇ ଯୁବକ ମାନଙ୍କୁ କଂଗ୍ରେସ ଜିଲ୍ଲା ସଭାପତି ରଞ୍ଜିତ ଦାସ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ରଣପୁର ଛାତ୍ର କଂଗ୍ରେସ ସଭାପତି ସୁନିଲ କୁମାର ସାହୁ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବ ପ୍ରସାଦ ସାହୁ, ରଣପୁର ବ୍ଲକ ସଭାପତି ଶତ୍ରୁଘ୍ନ ପାଇକରାୟ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରସନ୍ତ କୁମାର ସାମନ୍ତରାୟ, ରଣପୁର ଏନ୍ଏସି ସଭାପତି ପ୍ରଭାତ କୁମାର ଦଳବେହେରା, ଚନ୍ଦପୁର ଜୋନ ସଭାପତି ଭାରତ ଚନ୍ଦ୍ର ରାଉତରାୟ, ସୁନାଖଳା ଜୋନ ସଭାପତି ଦାସ ମହାପାତ୍ର, ଲୋଧାଛୁଆ ପଞ୍ଚାୟତ ସଭାପତି କିଶୋର ଚନ୍ଦ୍ର, ଆଲୋକ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## କୋରଡ଼ା ବାଣ ବିସ୍ଫୋରଣ ମାମଲା ଚିକିତ୍ସାଧୀନ ହେଉଥିବା ଅବସ୍ଥାରେ ଆଉ ଜଣେ ମୃତ

ନୂଆଗାଁ (ମହାଭାରତ ): ନୂଆଗାଁ ଥାନା ଅନ୍ତର୍ଗତ କୋରଡ଼ା ଗାଁରେ ଶୁକ୍ରବାର ମଧ୍ୟାହ୍ନରେ ବାଣ ବିସ୍ଫୋରଣରେ ୬ଜଣ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ନୂଆଗାଁ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତ ଗୁରୁତର ଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୟାଗଡ଼ କୁ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମିନାଗାଡ଼ିଆ ଗ୍ରାମର ବାପି ନାୟକ ଙ୍କ ମୃତ୍ୟୁ ହୋଇଥିଲା ଓ ଅନ୍ୟ ୫ଜଣ ସେଠାରେ ଚିକିତ୍ସିତ ହେଉଥିଲେ। କୋରଡ଼ା ଗ୍ରାମର ଲିଙ୍ଗରାଜ ନାୟକ ଙ୍କ ପୁଅ ବାପୁନି ନାୟକ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବା ବେଳେ ଆଜି ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

## ପଞ୍ଚାୟତରେ ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ପାଳନ

ଅସ୍ତରଙ୍ଗ(ମହାଭାରତ) :ଅସ୍ତରଙ୍ଗ ବ୍ଲକର ସବୁ ପଞ୍ଚାୟତରେ ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ଅସ୍ତରଙ୍ଗ ପଞ୍ଚାୟତ ପକ୍ଷରୁ ବ୍ଲକ ନିକଟସ୍ଥ ଜାଗୁଲେଇ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତଥା କାକଟପୁର ବିଜେପି ନେତା ବାଇଧର ମଲ୍ଲିକ,ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ,ଅସ୍ତରଙ୍ଗ ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନା,ନୂଆଗଡ ମଣ୍ଡଳ ସଭାପତି ନରେଶ ପତି,ନୂଆଗଡ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ସମେତ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ନାୟକ,ହେମନ୍ତ ବସ୍ତିଆ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପଞ୍ଚାୟତର ଆଗଧାଡିର ବିଜେପି କର୍ମୀ ଓ ମହିଳା ଭୋଟର ବହୁ ସଂଖ୍ୟାରେ ଯୋଗଦେଇଥିଲେ ପ୍ରତିଷ୍ଠା ଦିବସ ଅବସରରେ ଡା. ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଜୀଙ୍କ ଭଳି ରାଷ୍ଟ୍ରୀୟ ସେବକଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା।

## ବାଲିମେଳାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି

ମାଲକାନଗିରି(ମହାଭାରତ): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ବାଲିମେଳା ନଗର ଭବନଠାରେ ଏକ ଯୁଗ୍ମ ଜନ ଶୁଣାଣି ଓ ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଶତାଧିକ ସ୍ଥାନୀୟ ବାସିନ୍ଦା ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ନେଇ ପହଞ୍ଚିଥିଲେ। ଶିବିରରେ ମୋଟ ୧୦ଟି ବ୍ୟକ୍ତିଗତ ଏବଂ ୬ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗର ଶୁଣାଣି କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମି ପଟ୍ଟା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଏବଂ ଭିନ୍ନକ୍ଷମ ସହାୟତା ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହାସହ ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଓ ରାସ୍ତାଘାଟ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ସିଡିଏମଓ ଡ଼ା. ଡୋଳାମଣି ପ୍ରଧାନ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିଥିଲେ।

## ଆଉ ମିଳୁନି ଢ଼ିଙ୍କି କୁଟା ସ୍ୱାଦିଷ୍ଟ ଚାଉଳ

### ଆଗାମୀ ପିଢ଼ି କେବଳ ଦେଖିବେ ଚିତ୍ର



ଘୁ.ଉଦୟଗିରି (ସମୀର କୁମାର ପାଢୀ): ଭାରତ ବର୍ଷରେ ଗୋଟିଏ ଡାକରା ଥିଲା 'କୁଟି ଖାଅ, କାଟି ପିନ୍ଧ'। ଅର୍ଥାତ ଅରଟରେ ସୂତା କାଟି ତାହାକୁ ବସ୍ତ୍ର ତିଆରି କରି ପିନ୍ଧିବା ଓ ଶସ୍ୟକୁ କୁଟି ତହିଁରୁ ପ୍ରସ୍ତୁତ ଖାଦ୍ୟକୁ ଗ୍ରହଣ କରିବା। କହିବାକୁ ଗଲେ ସମ୍ପୂର୍ଣ୍ଣ ଦେଶୀ। ପଦାର୍ଥକୁ ଗୁରୁତ୍ୱର ସହ ବ୍ୟବହାର କରିବା। ଓଡ଼ିଆରେ ଏକ ପ୍ରବାଦ ରହିଛି ଢ଼ିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟିବୟ କିନ୍ତୁ ସେଇ ଢ଼ିଙ୍କି ଆଜି ଦେଖିବା ସ୍ୱପ୍ନ। କନ୍ଧମାଳ ଜିଲ୍ଲାରେ ଘରେ ଘରେ ସ୍ଥାନୀୟ ଅଧିବାସୀମାନେ ଢ଼ିଙ୍କିରେ ଧାନ କୁଟି ଚାଉଳ ପ୍ରସ୍ତୁତ କରୁଥିଲେ। ଢ଼ିଙ୍କି କୁଟା ସ୍ୱାଦିଷ୍ଟ ଏବଂ ପୃଷ୍ଟିକର ଚାଉଳ ଘରେ ଘରେ ବ୍ୟବହାର ହେଉଥିଲାୟସ୍ଥାନୀ। ଅଞ୍ଚଳରେ କୁଟା ଚାଉଳ ନାମରେ ବେଶ ପରିଚିତ ଏହି ଚାଉଳର ଚାହିଦା ବେଶ ରହିଥିଲା। ହେଲେ ଏବେ ଆଉ ତାହା ଦେଖିବାକୁ ମିଳୁନି। କୁଟା ଚାଉଳ ପ୍ରସ୍ତୁତ ପାଇଁ ପରିଶ୍ରମ କରୁଥିଲେ ଲୋକ ସୁସ୍ଥ ବି ରହୁଥିଲେ। ବର୍ତ୍ତମାନ ସେ ଯୁଗ ଗଲା କଳ ଯୁଗ ଆସିଲା ତା ସହ କୁଟା ଚାଉଳ ସେଇ ସ୍ୱାଦ ସେଇ ପୃଷ୍ଟିକର ଚାଉଳ ସହ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ହେଉ ଥିବା ଖାଦ୍ୟ ଆମ ଚତୁଃପାର୍ଶ୍ୱରୁ ଉଭେଇ ଯାଇଛି। ଆଉ ତହିଁରେ ବ୍ୟବହୃତ ସରଞ୍ଜାମ ସଂଗ୍ରହାଳୟରେ ସ୍ଥାନ ନେଲା କିମ୍ବା ଇତିହାସ ପାଲଟିଗଲା। ଆଉ ଆଗାମୀ ପିଢି ପାଇଁ ଏହା କେବଳ ଗୋଟିଏ କାହାଣୀ ହୋଇ ରହିଯାଇଛି। ଶସ୍ୟ ଜାତୀୟ ଖାଦ୍ୟକୁ ଖାଦ୍ୟପୋଯୋଗୀ କରିବା ପାଇଁ ଆମ ପୂର୍ବ ପିଢି ଯେଉଁ ଦେଶୀ। ପ୍ରଣାଳୀରେ ପ୍ରସ୍ତୁତ କରିଥିଲା ସେହି ଯନ୍ତ୍ରର ନାମ ହେଲା 'ଢିଙ୍କି'। ଢିଙ୍କି କୁଟା ଚାଉଳ ଯିଏ ଖାଇଛି ସିଏ ଜାଣିଛି ତାର ସ୍ୱାଦ ଓ ମୂଲ୍ୟ। ସେତେବେଳେ ସେହି ଅକାଣ୍ଡିଆ ଚାଉଳ ଶରୀରକୁ ପ୍ରଚୁର ଶକ୍ତି ଓ ଭିଟାମିନ ଯୋଗାଉଥିଲା। ବଗଡ଼ା ଚାଉଳ ଆଜି ଆଉ ନାହିଁ। ଢିଙ୍କି କୁଟା ଚାଉଳ ପ୍ରସ୍ତୁତ ସମୟରେ ଚାଉଳ ତାର ମୌଳିକ ସତ୍ତା ବା ପୌଷ୍ଟିକ ତତ୍ତ୍ୱ ହରାଇ ନଥାଏ। ଚାଉଳର ଯେଉଁ ଉପର ସ୍ତରରେ ବାଦାମୀ ରଙ୍ଗର ପରସ୍ତ ରହୁଥିଲା ସାଧାରଣତଃ ଅକ୍ଷତ ଅବସ୍ଥାରେ ରହୁଥିଲା। କିନ୍ତୁ ଧାନ କଳରେ ପେଶିବା ବେଳେ ଚାଉଳ ତାର ମୌଳିକ ତତ୍ତ୍ୱ ହରାଇ ଥାଏ। ଆଜି ଆମେ ଆଖିକୁ ସୁନ୍ଦର ଦେଖାଯାଉଥିବା ଚିକ୍କଣ ଚାଉଳ ଖାଉଛନ୍ତି, ଯାହାକି ଆମର କେବଳ ଭୋକିଲା ପେଟ ପାଇଁ ଭୋକ ମେଣ୍ଟାଉଛି। ସେଥିରୁ ଶରୀର ପାଇଁ ଉପଯୁକ୍ତ ଶକ୍ତି ମିଳୁଥିବା ନେଇ ମନରେ ବିଶ୍ୱାସ ଆସୁନାହିଁ। ଢିଙ୍କି ସାହାଯ୍ୟରେ ସମସ୍ତ ଶସ୍ୟଜାତୀୟ ସାମଗ୍ରୀରୁ ଆମେ ଅନେକ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇପାରୁଥିଲା। ଧାନ, ଗହମ, ମାଣ୍ଡିଆ, ମକା, କୁଇରି, ଚୁଡ଼ା ଓ ଡାଲି ଜାତୀୟ ଯଥା କାନ୍ଦୁଲ, କୋଳଥ ଭଳି ମଧ ଅନେକ ଏହା ସାହାଯ୍ୟରେ ପ୍ରସ୍ତୁତ ହେଉଥିଲା। ଢିଙ୍କି ଦ୍ୱାରା ପ୍ରସ୍ତୁତ ଚାଉଳ ଚୁନାରେ ଯେଉଁ ପିଠା ହେଉ ଥିଲା ତାହା କଳଦ୍ୱାରା ହୋଇ ଥିବା ଚୁନାରେ ଫରକ ଆଣୁଛି। ଯାହାବି ହେଉ ତାହାକୁ ଝୁରିବା ବ୍ୟତୀତ ଆଉ କୌଣସି ଉପାୟ ନାହିଁ। ଢିଙ୍କି ଆଜି ଆଉ କାଁ ଭାଁ ଦେଖିବାକୁ ମିଳୁଛି। ଢିଙ୍କି ଗୋଡ଼ ସାହାଯ୍ୟରେ ଓ ଆଉ ଗୋଟିଏ ହାତ ସାହାଯ୍ୟରେ କୁଟାଯାଉଥିଲା। ହାତରେ କୁଟା ଯାଉଥିବା ସରଞ୍ଜାମ 'କଡୁ ବା ପାହୁରାଣି' ନାମରେ ଜଣାଶୁଣା। ପରିବର୍ତ୍ତନଶୀଳ ଦୁନିଆରେ ଆବଶ୍ୟକତା ଅନୁସାରେ ଚାହିଦା ପୂରଣ ନ କରିପାରିବା,ଶ୍ରମ ଦାନର ଅଭାବ ଓ ଅଳସୁଆମି ପଣ ଯୋଗୁଁ ସଂସାରରୁ ଅନେକ ଜିନିଷ ହଜି ଯିବାକୁ ବସିଲାଣି।

## ଭଡ଼ା ବଢାଇଲା ଏୟାର ଇଣ୍ଡିଆ

ନୂଆଦିଲ୍ଲୀ : ମହଙ୍ଗା ହେବ ବିମାନ ଯାତ୍ରା । ଭଡ଼ା ବଢ଼ାଇଲା ଏୟାର ଇଣ୍ଡିଆ । ଘରୋଇ ବିମାନ ଭଡ଼ା ବୃଦ୍ଧି କରିଛି ଏୟାର ଇଣ୍ଡିଆ । ଆସନ୍ତାକାଲି ଠାରୁ ଯାତ୍ରୀମାନଙ୍କୁ ଦୂରତା ଅନୁସାରେ ଅଧିକ ଟଙ୍କା ଦେବାକୁ ପଡ଼ିବ । ଏହି ନୂଆ ଦର ୮ଏପ୍ରିଲ ସକାଳ ୯ଟା ପରେ ବୁକିଂ ହେଉଥିବା ଟିକେଟ୍ ଉପରେ ଲାଗୁ ହେବ । ବର୍ତ୍ତମାନ ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସର ଯାତ୍ରୀମାନଙ୍କୁ ବିମାନର ଦୂରତା ଅନୁଯାୟୀ ୨୯୯ ଟଙ୍କାର ୮୯୯ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଭଡ଼ା ଦେବାକୁ ହେବ । ୫୦୦ କିମିରୁ କମ୍ ଦୂରତା ପାଇଁ ୨୯୯ ଟଙ୍କା ଦେବାକୁ ହେବ । ୫୦୧ କିମିରୁ ୧,୦୦୦ କିମି ମଧ୍ୟରେ ୩୯୯ ଟଙ୍କା ଅଧିକ ଦେବାକୁ ହେବ । ୧,୦୦୧ କିମିରୁ ୧,୫୦୦ କିମି ମଧ୍ୟରେ ଅତିରିକ୍ତ ୫୪୯ ଟଙ୍କା, ୧,୫୦୧ କିମିରୁ ୨,୦୦୦ କିମି ମଧ୍ୟରେ ଅଧିକ ୭୪୯ ଟଙ୍କା ଦେବାକୁ ହେବ । ସେହିଭଳି ୨,୦୦୦ କିମିରୁ ଅଧିକ ଦୂରତା ପାଇଁ ଅଧିକ ୮୯୯ ଟଙ୍କା ଦେବାକୁ ହେବ । ଏହି ନୂଆ ଦର ୮ ଏପ୍ରିଲ ସକାଳ ୯ଟା ପରେ ବୁକିଂ ହେଉଥିବା ଟିକେଟ୍ ଉପରେ ଲାଗୁ ହେବ । ଯଦି ପୂର୍ବରୁ ଟିକେଟ୍ ବୁକ୍ କରିସାରିଛନ୍ତି, ତେବେ ଆପଣଙ୍କୁ ଅଧିକ ଟଙ୍କା ଦେବାକୁ ପଡ଼ିବ ନାହିଁ । କିନ୍ତୁ ଯଦି ଯିବାର ତାରିଖ ବଦଳାନ୍ତି, ତେବେ ନୂଆ ଦର ଲାଗୁ ହୋଇପାରେ । ବିଶ୍ୱସ୍ତରରେ ବିମାନ ଇନ୍ଧନ ଦର ବୃଦ୍ଧି ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି ।

## ଭୁଶୁଡିଲା ନିର୍ମାଣାଧୀନ ବ୍ରିଜ, ଭୂସ୍ଖଳନ ଯୋଗୁଁ ଭାସିଗଲା ସ୍ଥାନୀୟ ଲୋକଙ୍କ ଜୀବନରେଖା

ହିମାଚଳ ପ୍ରଦେଶ : ହିମାଚଳ ପ୍ରଦେଶ ଚମ୍ବାରେ ନିର୍ମାଣାଧୀନ ସିଂଯୁରରେ ବ୍ରିଜ ଭୁଶୁଡିପଡିଛି । ଭରମୋର ବିଧାନସଭା ସ୍ଥିତ ସିଂଯୁରରୁ ହୋଲି ରାସ୍ତାରେ ନିର୍ମାଣ ହେଉଥିବା ପୋଲ ଭୂସ୍ଖଳନ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି । ତେବେ ଘଟଣାରେ କେହି ହତାହତ ହୋଇନାହାନ୍ତି । ହିମାଚଳର ଚମ୍ବା ଅର୍ନ୍ତଗତ ଭରମୋର-ହୋଲି ରାସ୍ତାରେ ନିର୍ମାଣାଧୀନ ସିଂଯୁର ପୋଲ ଭୂସ୍ଖଳନ ଯୋଗୁଁ ଧ୍ୱଂସ ହୋଇପଡିଛି । ଏହି ଘଟଣାର ଭିଡିଓ ଭରମୋରର ବିଜେପି ବିଧାୟକ ଡ. ଜନକ ରାଜ ସୋସିଆଲ ମିଡିଆରେ ସେୟାର କରିଛନ୍ତି । ୫ କୋଟି ବ୍ୟୟରେ ନିର୍ମିତ ଏହି ପୋଲ ଭୁଶୁଡିବା ଯୋଗୁଁ ଧୂଆଁ ହୋଇଯାଇଥିଲା ଅଞ୍ଚଳ । ତେବେ ପୋଲ ଭୁଶୁଡିବା ଯୋଗୁଁ ସ୍ଥାନୀୟ ଲୋକଙ୍କ ବର୍ଷ ବର୍ଷର ଅପେକ୍ଷା ବଢିଚାଲିଛି । ହିମାଚଳ ପ୍ରଦେଶରେ ଲଗାତାର ବର୍ଷା ହେବା କାରଣରୁ ଭୂସ୍ଖଳନ ଆରମ୍ଭ ହୋଇଛି । ତେଣୁ ଆଜି ସକାଳେ ଏହା ଭାଙ୍ଗିପଡିଛି। ଏହି ନିର୍ମାଣାଧୀନ ଲୁହାର ପୋଲ ସ୍ଥାନୀୟ ଲୋକଙ୍କ ଜୀବନରେଖା କୁହାଯାଉଥିଲା । ରାବି ନଦୀ ଉପରେ ନିର୍ମିତ ଏହି ପୋଲ ଆଖପାଖର ଗାଁକୁ ସଂଯୋଗ କରିବାର ଏକମାତ୍ର ରାସ୍ତା ଥିଲା । ପୂର୍ବରୁ କାଠର ପୋଲ ରହିଥିଲା, ହେଲେ ଏବେ ନିର୍ମାଣାଧୀନ ପୋଲ ଭୁଶୁଡିପଡିଛି। ୨୦୨୩ରେ ଏହି ବ୍ରିଜର ଟେଣ୍ଡର ପାସ୍ ହୋଇଥିଲା ।

## ହୃଦୟ ବିଦାରକଙ୍କ ପ୍ରେମିକ ସହିତ ଧରାପଡ଼ିଲେ ସ୍ତ୍ରୀ, ପୋଲିସ ଉପସ୍ଥିତିରେ ଗଳା କାଟି ହତ୍ୟା କଲେ ସ୍ୱାମୀ

ହାଇଦ୍ରାବାଦ : ତେଲେଙ୍ଗାନାର ସାଙ୍ଗାରେଡ୍ଡି ଜିଲାର ଜାହିରାବାଦରୁ ଏକ ହୃଦୟ ବିଦାରକ ଖବର ସାମ୍ନାକୁ ଆସିଛି । ଜଣେ ସ୍ୱାମୀ ପୋଲିସ ଉପସ୍ଥିତିରେ ଚଳନ୍ତା ଗାଡ଼ି ଭିତରେ ତାଙ୍କ ସ୍ତ୍ରୀଙ୍କ ଗଳାକୁ ଛୁରୀରେ କାଟି ହତ୍ୟା କରିଛନ୍ତି । ମହିଳାଜଣକ ତାଙ୍କ ପ୍ରେମିକଙ୍କ ସହ ଘରୁ ଫେରାର ହୋଇଯାଇଥିଲେ । ଏହି କାରଣ ପାଇଁ ଉତ୍ତ୍ୟକ୍ତ ହୋଇ ସ୍ୱାମୀ ୨୯ ବର୍ଷୀୟ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି । ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ସିଦ୍ଧରେଡ୍ଡିଙ୍କ ପତ୍ନୀ ୨୯ ବର୍ଷୀୟ କବିତାଙ୍କର ପବନ ରେଡ୍ଡି ନାମକ ଜଣେ ବ୍ୟକ୍ତିଙ୍କ ସହିତ ସମ୍ପର୍କ ଥିଲା ବୋଲି ଅଭିଯୋଗ ହୋଇଛି । ମାର୍ଚ୍ଚ ୨୭ ତାରିଖରେ କବିତା ତାଙ୍କ ପ୍ରେମିକଙ୍କ ସହ ଘରୁ ପଳାଇ ଆସିଥିଲେ । ଫଳସ୍ୱରୂପ, ଯେତେବେଳେ ତାଙ୍କ ସ୍ତ୍ରୀ ଘରକୁ ଫେରି ନପାରିଲେ, ସେତେବେଳେ ଦୁଃଖିତ ସ୍ୱାମୀ ସିଦ୍ଧରେଡ୍ଡି ପୋଲିସରେ ଅଭିଯୋଗ କରିଥିଲେ । ମାର୍ଚ୍ଚ ୩୦ ତାରିଖରେ ଜାହିରାବାଦ ପୋଲିସ ଏକ ନିଖୋଜ ବ୍ୟକ୍ତିଙ୍କ ନାଁରେ ମାମଲା ରୁଜୁ କରିଥିଲେ । ତଦନ୍ତ ସମୟରେ, ପୋଲିସକୁ ଏକ ସୂଚନା ମିଳିଥିଲା ଯେ କବିତା ପବନ ରେଡ୍ଡିଙ୍କ ସହ ଜାଡଚେରଲାରେ ଅଛନ୍ତି। ଏହି ସୂଚନା ଉପରେ କାର୍ଯ୍ୟ କରି ପୋଲିସ ଟିମ୍ ସେହି ସ୍ଥାନକୁ ଯାଇ ନିଖୋଜ କବିତାଙ୍କୁ ସଫଳତାର ସହ ଠାବ କରିଥିଲେ। ପରବର୍ତ୍ତୀ ସମୟରେ, ପୋଲିସ ମହିଳାଙ୍କୁ ତାଙ୍କ ସ୍ୱାମୀ ସିଦ୍ଧରେଡ୍ଡିଙ୍କ ସହିତ ଜାହିରାବାଦକୁ ଆଣୁଥିଲା । ଫେରିବା ସମୟରେ, ଯେତେବେଳେ ଗାଡ଼ିଟି ସଦାସିଭପେଟ୍ ମଣ୍ଡଳ ଅନ୍ତର୍ଗତ ନନ୍ଦୀ କାଣ୍ଡି ଅଞ୍ଚଳ ନିକଟରେ ପହଞ୍ଚିଲା, ସିଦ୍ଧରେଡ୍ଡି ହଠାତ୍ ତାଙ୍କର ମାନସିକ ଶାନ୍ତି ହରାଇ ବସିଲେ । ହଠାତ୍ ଉତ୍ତେଜିତ ହୋଇ, ସିଦ୍ଧରେଡ୍ଡି ତାଙ୍କ ସ୍ତ୍ରୀଙ୍କୁ ଏକ ଛୁରୀରେ ଆକ୍ରମଣ କରିଥିଲେ, ତାଙ୍କ ଗଳାରେ ଆଘାତ କରିଥିଲେ। ପୋଲିସ ଉପସ୍ଥିତିରେ ଏକ ଚଳନ୍ତା ଗାଡ଼ି ଭିତରେ ଏହି ହିଂସାତ୍ମକ ଘଟଣା ଘଟିଥିଲା। ଗୁରୁତର ଆହତ କବିତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା, କିନ୍ତୁ ରାସ୍ତାରେ ସେ ତାଙ୍କର ଆଘାତରେ ମୃତ୍ୟୁବରଣ କରିଥିଲେ।

## ଆଜି ସରୁଛି ଇରାନକୁ ଟ୍ରମ୍ପଙ୍କ ଡେଡଲାଇନ

ନୂଆଦିଲ୍ଲୀ: ଆଜି ସରୁଛି ଇରାନକୁ ଟ୍ରମ୍ପଙ୍କ ଡେଡଲାଇନ । ୮ଟା ଯାଏ ଡେଡଲାଇନ୍ ଦେଇଛନ୍ତି ଟ୍ରମ୍ପ । ଇରାନ ହର୍ମୁଜ ପ୍ରଣାଳୀ ନ ଖୋଲିଲେ ହେବ ବଡ଼ କାର୍ଯ୍ୟାନୁଷ୍ଠାନ ! । କଣ୍ଟ ପୂରିବା ପରେ ଭୟଙ୍କର ଆକ୍ରମଣ କରିବ ଆମେରିକା । ଇରାନର ଶକ୍ତି କେନ୍ଦ୍ର ସହ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଓ ବଡ଼ ବଡ଼ ବ୍ରିଜ୍ ଉଡାଇ ଦେବାକୁ ଧମକ ଦେଇଛନ୍ତି ଟ୍ରମ୍ପ । ୩୯ ଦିନରେ ପହଞ୍ଚିଛି ଫେବୃୟାରୀ ୨୮ରୁ ଆରମ୍ଭ ହୋଇଥିବା ଅପରେସନ ଏପିକ ଫ୍ୟୁରି । ଜଣେ ସାମ୍ବାଦିକ ଟ୍ରମ୍ପଙ୍କୁ ପଚାରିଥିଲେ ଇରାନ ସହ ବିବାଦକୁ ଶେଷ କରିବାକୁ ଚାହୁଁଛନ୍ତି ନା ଯୁଦ୍ଧକୁ ଆହୁରି ବଢ଼ାଇବାକୁ ଚାହୁଁଛନ୍ତି । ଏହାର ଉତ୍ତରରେ ଟ୍ରମ୍ପ କହିଛନ୍ତି, ଏହା ଇରାନର କାର୍ଯ୍ୟ ଉପରେ ନିର୍ଭର କରେ । ଏବେ ଗୁରୁତ୍ୱପୂର୍ଣ୍ଣ ସମୟ ଚାଲିଛି । ସେମାନଙ୍କ ପାଖରେ ସମୟ ଅଛି, ୮ଟା ପର୍ଯ୍ୟନ୍ତ ସମୟ ଅଛି। ରାଷ୍ଟ୍ରପତି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ପରବର୍ତ୍ତୀ ପଦକ୍ଷେପ କ'ଣ ନେବ, ତାହା ଇରାନର ପଦକ୍ଷେପ ଉପରେ ନିର୍ଭର କରେ। ସେପଟେ ହର୍ମୁଜ ନଖୋଲିବା ଜିଦରେ ଇରାନ ଅଟଳ ଥିବାରୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି । ଯଦି ଇରାନ ଉପରେ ଆକ୍ରମଣ ବଢ଼େ ତେବେ ଅଶୋଧିତ ତୈଳ ଦର ଆହୁରି ବଢିବା ଆଶଙ୍କା ରହିଛି । ଆମେରିକା ଟାର୍ଗେଟରେ ପାୱାରପ୍ଲାଣ୍ଟ ଥିବାରୁ ଏହାର ଚାରିପଟେ ମାନବ ଶୃଙ୍ଖଳ କରିବା ପାଇଁ ଇରାନ ଅପିଲ କରିଛି । ଛାତ୍ରଛାତ୍ରୀ, କଳାକାର, ଆଥଲେଟ ଆଣବିକ ପ୍ଲାଣ୍ଟ ଚାରିପଟେ ଆଜି ମାନବ ଶୃଙ୍ଖଳ କରିବାକୁ କୁହାଯାଇଛି ।

# ଇରାନରେ ଥିବା ଭାରତୀୟଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି



ନୂଆଦିଲ୍ଲୀ: ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ମିଳିତ ସାମରିକ ଆକ୍ରମଣ ପରେ ପଶ୍ଚିମ ଏସିଆର ସ୍ଥିତି ଅତ୍ୟନ୍ତ ଜଟିଳ ହୋଇପଡ଼ିଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସମୟସୀମା ଶେଷ ହେବା ପରେ ଇରାନର ବିଭିନ୍ନ ପ୍ରାନ୍ତରେ ହୋଇଥିବା ବୋମାମାଡ଼ ଏବଂ ଏହାର ପାଲଟା ଜବାବରେ ଇରାନର ମିସାଇଲ ଆକ୍ରମଣ ସମଗ୍ର ଅଞ୍ଚଳକୁ ଏକ ଭୟାନକ ଯୁଦ୍ଧକ୍ଷେତ୍ରରେ ପରିଣତ କରିଛି। ଏହି ପରିପ୍ରେକ୍ଷୀରେ, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ତୁରନ୍ତ ହସ୍ତକ୍ଷେପ କରି ଇରାନରେ ରହୁଥିବା ହଜାର ହଜାର ଭାରତୀୟଙ୍କ ସୁରକ୍ଷା ପାଇଁ ଏକ ରଣନୀତିକ ନିର୍ଦ୍ଦେଶାବଳୀ ଜାରି କରିଛି। ଯୁଦ୍ଧର ଅନିଶ୍ଚିତତା ମଧ୍ୟରେ ନିଜ ନାଗରିକଙ୍କ ଜୀବନ ରକ୍ଷା କରିବା ପାଇଁ ଭାରତ ସରକାର ବିଭିନ୍ନ ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଜି ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ, ଇରାନରେ ଥିବା ସମସ୍ତ ଭାରତୀୟ ନାଗରିକ ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ଯେଉଁଠି ଅଛନ୍ତି ସେଇଠି ହିଁ ରହିବାକୁ କୁହାଯାଇଛି। ବର୍ତ୍ତମାନର ସୁରକ୍ଷା ସ୍ଥିତି ଓ ଯାତାୟାତ ପାଇଁ ଥିବା ବିପଦକୁ ଦୃଷ୍ଟିରେ ରଖି ଅସ୍ଥାୟୀ ଭାବେ ଗୋଟିଏ ସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଛି। ବିଶେଷ କରି ତେହେରାନ, କାଶାନ୍ ଏବଂ ଖାର୍ଗ ଦ୍ୱୀପ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଭାରତୀୟଙ୍କୁ ଅଧିକ ସତର୍କ ରହିବାକୁ କୁହାଯାଇଛି। ଭାରତୀୟ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ ନାଗରିକମାନଙ୍କ ସୁରକ୍ଷା ହେଉଛି ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ଆକ୍ରମଣ ଯୋଗୁଁ ଇରାନର ରେଳପଥ, ବ୍ରିଜ୍ ଏବଂ ହାଇୱେଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବାରୁ ଏଭଳି ସମୟରେ ଯାତ୍ରା କରିବା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ନୂଆଦିଲ୍ଲୀ ସ୍ଥିତ ବୈଦେଶିକ ମନ୍ତ୍ରଣାଳୟ ଏବଂ ତେହେରାନରେ ଥିବା ଭାରତୀୟ ଦୂତାବାସ ପରସ୍ପର ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି। ସ୍ଥିତିର ପ୍ରତି ମୁହୂର୍ତ୍ତର ଅପଡେଟ୍ ନିଆଯାଉଛି। ଯଦି ପରିସ୍ଥିତି ଆହୁରି ବିଗିଡ଼ିଯାଏ, ତେବେ ଭାରତୀୟଙ୍କୁ ସେଠାରୁ ସୁରକ୍ଷିତ ଭାବେ ବାହାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଉପରେ ମଧ୍ୟ ବିଚାର କରାଯାଇପାରେ।

## ନିର୍ବାଚନ ପୂର୍ବରୁ କଂଗ୍ରେସକୁ ବଡ଼ ଝଟକା

ଚଣ୍ଡିଗଡ : ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ, ରାଜ୍ୟର ରାଜନୈତିକ ଦୃଶ୍ୟପଟରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଛି। ନବଜୋତ ସିଂହ ସିଦ୍ଧୁଙ୍କ ପତ୍ନୀ ଡକ୍ଟର ନବଜୋତ କୌର ସିଦ୍ଧୁ ତାଙ୍କର ନୂତନ ରାଜନୈତିକ ଦଳ ଗଠନ ଘୋଷଣା କରିଛନ୍ତି। କଂଗ୍ରେସ ଦଳରୁ ତାଙ୍କୁ ବହିଷ୍କାର କରାଯିବା ପରେ, ଡକ୍ଟର ନବଜୋତ ସିଦ୍ଧୁ ଏକ ବଡ଼ ରାଜନୈତିକ ପଦକ୍ଷେପ ନେଇଛନ୍ତି ଯାହା ପଞ୍ଜାବରେ ରାଜନୈତିକ ଧାରା ତୀବ୍ର କରିଛି। ଡକ୍ଟର ନବଜୋତ ସିଦ୍ଧୁ ସୋମବାର ବିଳମ୍ବିତ ରାତିରେ ତାଙ୍କର ସରକାରୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଢ' ରେ ଏକ ପୋଷ୍ଟ ମାଧ୍ୟମରେ ଏହି ସୂଚନା ଶେୟାର କରିଛନ୍ତି। ସେ ତାଙ୍କ ଦଳର ନାମ 'ଭାରତୀୟ ରାଷ୍ଟ୍ରବାଦୀ ପାର୍ଟି' (ଭାରତୀୟ ରାଷ୍ଟ୍ରବାଦୀ ପାର୍ଟି) ରଖିଛନ୍ତି।

## ନ୍ୟୁଜ୍ ଚ୍ୟାନେଲ୍ ଉପରେ କଟକଣା !



ଆଉ ୪ ସପ୍ତାହ ମିଳିବନି ଝଜଟ । ନ୍ୟୁଜ୍ ଚ୍ୟାନେଲ୍ ଗୁଡ଼ିକର ଝଜଟ ଉପରେ ରୋକ୍ । ଆଉ ୪ ସପ୍ତାହ ମିଳିବନି ରେଟିଂ । ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ପରିସ୍ଥିତିକୁ ନେଇ ଟିଭି ଚ୍ୟାନେଲ୍ ଯେପରି ଅତିରଞ୍ଜିତ ଖବର ପ୍ରସାରଣ ନକରନ୍ତି, ସେଥିପାଇଁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏହି ବଡ଼ ନିଷ୍ପତ୍ତି ନେଇଛି । ଏନେଇ ଈଇଜଉକୁ ଚିଠି ଦେଇଛି ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ । ନ୍ୟୁଜ୍ ଚ୍ୟାନେଲ୍ ଗୁଡ଼ିକର ଝଜଟକୁ ଆଗାମୀ ୪ ସପ୍ତାହ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ଯାଏଁ ବନ୍ଦ ରଖିବା ନେଇ ନିର୍ଦ୍ଦେଶ ଦେଇଛି ମନ୍ତ୍ରଣାଳୟ । ଯୁଦ୍ଧ ସମୟରେ ରେଟିଂ ପାଇବା ଆଶାରେ ଚ୍ୟାନେଲ୍ ଗୁଡ଼ିକ ଯେପରି ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇଲା ଭଳି ଖବର ନଦେଖାନ୍ତି ଚିଠିରେ ଉଲ୍ଲେଖ ରହିଛି । ଏହା ସହ ଚ୍ୟାନେଲ୍ ଗୁଡ଼ିକ କେବଳ ନମ୍ବର-୧ ହେବା ପାଇଁ ଚେଷ୍ଟା ନକରି ଗମ୍ଭୀରତାର ସହ ଖବର ପରିବେଷଣ କରନ୍ତୁ ବୋଲି ନିର୍ଦ୍ଦେଶ ରହିଛି ।

## ଅହମଦାବାଦରେ ଦୋସା ଖାଇ ୨ ପିଲାଙ୍କ ମୃତ୍ୟୁ ଅଭିଯୋଗ, ବାପା ମା' ଗୁରୁତର



ଗୁଜରାଟ : ଅହମଦାବାଦର ଚାନ୍ଦଖେଡା ଅଞ୍ଚଳରେ ଗୋଟିଏ ପରିବାରର ୨ ଝିଅଙ୍କ ମୃତ୍ୟୁ ହୋଇଥିବା ବେଳେ ମାତାପିତା ଗୁରୁତର ରହିଛନ୍ତି । ପରିବାର ଲୋକଙ୍କ ଅଭିଯୋଗ ଯେ, ଦୋସା ଖାଇବା ପରେ ଏଭଳି ଅଘଟଣ ହୋଇଛି । ତେବେ ଏଯାଏଁ ଏହାର ସତ୍ୟତା ଜଣାପଡିନାହିଁ । ମୃତ ପିଲାଙ୍କ ଜେଜେ ଗୌରୀଶଙ୍କର ପ୍ରଜାପତି କହିଛନ୍ତି, ଏପ୍ରିଲ ୧ ତାରିଖ ତାରିଖରେ ପୁଅ ବିମଲ ଘର ପାଖରେ ଥିବା ଆଇଓସି ରୋଡ ସ୍ଥିତ ଏକ ଦୋକାନରୁ ଦୋସା ବନାଇବା ପାଇଁ ଜିନିଷ କିଣିଥିଲେ । ପରିବାର ଲୋକ ରାତିରେ ଦୋସା ତିଆରି କରିଖାଇଥିଲେ । ଆଉ ସକାଳେ ପୁଣି ଏଥିରେ ଦୋସା ବନାଇ ଖାଇଥିଲେ । ଏହାପରେ ପରିବାରର ସମସ୍ତ ଲୋକ ବାନ୍ତି କରିଥିଲେ । ଫଳରେ ସେମାନଙ୍କୁ ହସିପଟାଲରେ ଭର୍ତ୍ତି କରାଯାଇଥିଲା । ପରିବାରରେ ବିମଲ, ପତ୍ନୀ ଭାବନା ଏବଂ ଦୁଇ ଝିଅ ଏହି ଦୋସାକୁ ଖାଇଥିଲେ । ହସପିଟାଲରେ ଭର୍ତ୍ତି ହୋଇଥିବା ପିଲାଙ୍କର ମୃତ୍ୟୁ ହୋଇଥିବା ବେଳେ ବାପା ମାଙ୍କ ଅବସ୍ଥା ଗୁରୁତର ରହିଛି । ମାମଲା ପରେ ଅହମଦାବାଦ ନଗର ନିଗମର ଫୁଡ୍ ବିଭାଗ ଯାଞ୍ଚ ଆରମ୍ଭ କରିଛି । ଫୁଡ୍ ଅଧିକାରୀ ତେଜସ ଶାହ ମୁତାବକ, ପୋଲିସ ଉପସ୍ଥିତିରେ ସମ୍ବନ୍ଧିତ ଦୋକାନରୁ ଖିରୁ (ଦୋସା ଆଣ )ସାମ୍ପଲକୁ ଫରେନ୍ସିକ ଯାଞ୍ଚ ପାଇଁ ପଠାଯାଇଛି । ଚାନ୍ଦଖେଡା ପୋଲିସ ମାମଲାର ଯାଞ୍ଚ କରି ବ୍ୟବଚ୍ଛେଦ କରାଇଛି । କିନ୍ତୁ ଦୋକାନ ମାଲିକଙ୍କ ଭାଇ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଦୋକାନରୁ ପ୍ରତିଦିନ ୧୦୦ କିଲୋରୁ ଅଧିକ ଖିରୁ ବିକ୍ରି ହୁଏ । ଅନ୍ୟ ଗ୍ରାହକ କୌଣସି ଅଭିଯୋଗ କରିନାହାନ୍ତି । ତେବେ ଏହାର ଯାଞ୍ଚ କରାଯାଉଛି । ଯାଞ୍ଚ ପରେ ସତ୍ୟତା ଜଣାପଡିବ ।

## ତାମିଲନାଡୁରେ ୯ ଜଣ ପୋଲିସ ବାବୁଙ୍କୁ ମୃତ୍ୟୁ ଦଣ୍ଡାଦେଶ

ତାମିଲନାଡୁରେ ୯ ଜଣ ପୋଲିସ ବାବୁଙ୍କୁ ମୃତ୍ୟୁ ଦଣ୍ଡାଦେଶ । ୨୦୨୦ ମସିହାରେ ବାପପୁଅଙ୍କୁ ପୋଲିସ ହେପାଜତରେ ନିର୍ଯାତନା ଓ ହତ୍ୟା ମାମଲାକୁ ନେଇ କୋର୍ଟ ଏଭଳି ଦଣ୍ଡାଦେଶ ଶୁଣାଇଛନ୍ତି । ମଦୁରାଇ ଆଡିସନାଲ ସେସନ କୋର୍ଟ ଏଭଳି ରାୟ ଦେଇଛନ୍ତି । କୋର୍ଟ ଏଭଳି ମାମଲାକୁ ବିରଳତମରୁ ବିରଳ ଘଟଣା ବୋଲି ଦର୍ଶାଇଛନ୍ତି । କୋର୍ଟ ନୃଶଂସକାଣ୍ଡ କହିବା ସହ ପଦବୀର ଅପବ୍ୟବହାର ବୋଲି ଦର୍ଶାଇଛନ୍ତି । ଅଭିଯୋଗ ଅନୁଯାୟୀ, କୋଭିଡ ଲକଡାଉନ୍ ନିୟମ ଉଲ୍ଲଂଘନ କରି ମୋବାଇଲ ଦୋକାନ ଖୋଲିଥିବା ଅଭିଯୋଗରେ ୨୦୨୦ ଜୁନ୍ ୨୦ରେ ପି. ଜୟରାଜ ଓ ତାଙ୍କ ପୁଅ ଜେ. ବେନିକଙ୍କୁ ପୋଲିସ ତାର ହେପାଜତକୁ ନେଇଥିଲା । ପରେ ସଥନକୁଲମ ଥାନାରେ ଅତ୍ୟଧିକ ଶାରୀରିକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ଉଠିଥିଲା । କୋଭିଲପଟ୍ଟି ସବ୍ -ଜେଲରେ ଦୁହିଁଙ୍କୁ ରଖାଯାଇଥିବା ବେଳେ ଜୁନ୍ ୨୨ ଓ ୨୩ ତାରିଖରେ ଉଭୟ ବାପପୁଅଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାକୁ ନେଇ ସେତେବେଳେ ତୁମ୍ବିତୋଫାନ ହୋଇଥିଲା । ମାମଲାର ତଦନ୍ତ ଭାର ନେଇଥିଲା ସିବିଆଇ । ଏହି ଘଟଣାରେ ସେତେବେଳେ ୧୦ ଜଣ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଥିଲେ ଜଣେ ଇନ୍ସପେକ୍ଟର, କିଛି ସବ୍ -ଇନ୍ସପେକ୍ଟର, ହାବିଲଦର । ୧୦ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ

## ସୀମାରେ ସାପ-କୁମ୍ଭୀର ଛାଡିବ ଭାରତ ! ଶୁଣିକି ଛାନିଆ ହେଲା ପାକ୍-ବାଂଲାଦେଶ

ନୂଆଦିଲ୍ଲୀ : ଭାରତ-ବାଂଲାଦେଶ ସୀମାରେ ଅବୈଧ ଅନୁପ୍ରବେଶକୁ ରୋକିବା ପାଇଁ ବିଏସଏଫ ଏକ ଅଭିନବ ପଦ୍ଧତି ପ୍ରସ୍ତୁତ କରିଛି। ସୋମବାର ଅଧିକାରୀମାନେ ପ୍ରକାଶ କରିଛନ୍ତି ଯେ ସୀମା ସୁରକ୍ଷା ବଳ (ବିଏସଏଫ) ଅବୈଧ ଅନୁପ୍ରବେଶ ଏବଂ ସୀମାପାର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଭାରତ-ବାଂଲାଦେଶ ଅନ୍ତର୍ଜାତୀୟ ସୀମାର ସମ୍ବେଦନଶୀଳ ନଦୀକୂଳିଆ ଅଞ୍ଚଳରେ କୁମ୍ଭୀର ଏବଂ ସାପକୁ ଛାଡିବାର ସମ୍ଭାବ୍ୟତା ଅନୁସନ୍ଧାନ କରୁଛି। ତଥାପି, ପ୍ରସ୍ତାବକୁ ଏପର୍ଯ୍ୟନ୍ତ ସରକାରୀ ଅନୁମୋଦନ ମିଳିନାହିଁ। ଫେବୃଆରୀ ୯ରେ ଦିଲ୍ଲୀରେ ବାହିନୀର ମୁଖ୍ୟାଳୟରେ ଅନୁଷ୍ଠିତ ଏକ ବୈଠକ ସମୟରେ ଏହି ଯୋଜନା ଉପରେ ଆଲୋଚନା କରାଯାଇଥିଲା। ପରବର୍ତ୍ତୀ ସମୟରେ, ୪,୦୯୬ କିଲୋମିଟର ଲମ୍ବା ସୀମାରେ ନିୟୋଜିତ କ୍ଷେତ୍ର ୟୁନିଟଗୁଡ଼ିକୁ ଏହି ବିଷୟରେ ସେମାନଙ୍କର ମତାମତ ଦେବାକୁ କୁହାଯାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ଘନ ଜଙ୍ଗଲ ଏବଂ ନଦୀକୂଳିଆ ଅଞ୍ଚଳ ଭଳି ଚ୍ୟାଲେଞ୍ଜିଂ ଭୌଗୋଳିକ ଭୂଖଣ୍ଡ ଯୋଗୁଁ ଏହି ସୀମାର ପ୍ରାୟ ୮୫୬ କିଲୋମିଟର ବାଡ଼ମୁକ୍ତ ରହିଛି। ଅଧିକାରୀମାନେ ପିଟିଆଇକୁ କହିଛନ୍ତି ଯେ, କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରି, ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବିଏସଏଫ ଏହି ସମ୍ବେଦନଶୀଳ ନଦୀକୂଳିଆ ଅଞ୍ଚଳରେ ସରୀସୃପ ବିଶେଷକରି ସାପ ଏବଂ କୁମ୍ଭୀର ନିୟୋଜନ କରିବାର ସମ୍ଭାବନା ଅନୁସନ୍ଧାନ କରିବାକୁ ପ୍ରସ୍ତାବ ଦେଇଛି। ଅଧିକାରୀମାନେ ଉଲ୍ଲେଖ କରିଛନ୍ତି ଯେ ଅନେକ କ୍ଷେତ୍ର କମାଣ୍ଡର ଏହି ମତ ପ୍ରକାଶ କରିଛନ୍ତି ଯେ ନଦୀକୂଳିଆ ଅଞ୍ଚଳରେ ସରୀସୃପ ପ୍ରବେଶ ଏକ ବ୍ୟବହାରିକ ସମାଧାନ ନୁହେଁ।

# ସୀମାରେ ସାପ-କୁମ୍ଭୀର ଛାଡିବ ଭାରତ ! ଶୁଣିକି ଛାନିଆ ହେଲା ପାକ୍ ?-ବାଂଲାଦେଶ




ନୂଆଦିଲ୍ଲୀ,୭।୪: ଭାରତ-ବାଂଲାଦେଶ ସୀମାରେ ଅବୈଧ ଅନୁପ୍ରବେଶକୁ ରୋକିବା ପାଇଁ ବିଏସଏଫ ଏକ ଅଭିନବ ପଦ୍ଧତି ପ୍ରସ୍ତୁତ କରିଛି। ସୋମବାର ଅଧିକାରୀମାନେ ପ୍ରକାଶ କରିଛନ୍ତି ଯେ ସୀମା ସୁରକ୍ଷା ବଳ (ବିଏସଏଫ) ଅବୈଧ ଅନୁପ୍ରବେଶ ଏବଂ ସୀମାପାର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଭାରତ-ବାଂଲାଦେଶ ଅନ୍ତର୍ଜାତୀୟ ସୀମାର ସମ୍ବେଦନଶୀଳ ନଦୀକୂଳିଆ ଅଞ୍ଚଳରେ କୁମ୍ଭୀର ଏବଂ ସାପକୁ ଛାଡିବାର ସମ୍ଭାବ୍ୟତା ଅନୁସନ୍ଧାନ କରୁଛି। ତଥାପି, ପ୍ରସ୍ତାବକୁ ଏପର୍ଯ୍ୟନ୍ତ ସରକାରୀ ଅନୁମୋଦନ ମିଳିନାହିଁ। ଫେବୃଆରୀ ୯ରେ ଦିଲ୍ଲୀରେ ବାହିନୀର ମୁଖ୍ୟାଳୟରେ ଅନୁଷ୍ଠିତ ଏକ ବୈଠକ ସମୟରେ ଏହି ଯୋଜନା ଉପରେ ଆଲୋଚନା କରାଯାଇଥିଲା। ପରବର୍ତ୍ତୀ ସମୟରେ, ୪,୦୯୬ କିଲୋମିଟର ଲମ୍ବା ସୀମାରେ ନିୟୋଜିତ କ୍ଷେତ୍ର ୟୁନିଟଗୁଡ଼ିକୁ ଏହି ବିଷୟରେ ସେମାନଙ୍କର ମତାମତ ଦେବାକୁ କୁହାଯାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ଘନ ଜଙ୍ଗଲ ଏବଂ ନଦୀକୂଳିଆ ଅଞ୍ଚଳ ଭଳି ଚ୍ୟାଲେଞ୍ଜିଂ ଭୌଗୋଳିକ ଭୂଖଣ୍ଡ ଯୋଗୁଁ ଏହି ସୀମାର ପ୍ରାୟ ୮୫୬ କିଲୋମିଟର ବାଡ଼ମୁକ୍ତ ରହିଛି। ଅଧିକାରୀମାନେ ପିଟିଆଇକୁ କହିଛନ୍ତି ଯେ, କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରି, ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବିଏସଏଫ ଏହି ସମ୍ବେଦନଶୀଳ ନଦୀକୂଳିଆ ଅଞ୍ଚଳରେ ସରୀସୃପ ବିଶେଷକରି ସାପ ଏବଂ କୁମ୍ଭୀର ନିୟୋଜନ କରିବାର ସମ୍ଭାବନା ଅନୁସନ୍ଧାନ କରିବାକୁ ପ୍ରସ୍ତାବ ଦେଇଛି। ଅଧିକାରୀମାନେ ଉଲ୍ଲେଖ କରିଛନ୍ତି ଯେ ଅନେକ କ୍ଷେତ୍ର କମାଣ୍ଡର ଏହି ମତ ପ୍ରକାଶ କରିଛନ୍ତି ଯେ ନଦୀକୂଳିଆ ଅଞ୍ଚଳରେ ସରୀସୃପ ପ୍ରବେଶ ଏକ ବ୍ୟବହାରିକ ସମାଧାନ ନୁହେଁ। ସେମାନେ ଦର୍ଶାଇଛନ୍ତି ଯେ ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକ ଘନ ଜନବସତିପୂର୍ଣ୍ଣ, ଏବଂ ଏହି ପ୍ରାଣୀଙ୍କ ଉପସ୍ଥିତି । ବିଶେଷକରି ବନ୍ୟା ଋତୁରେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିପଦ କିମ୍ବା କଷ୍ଟ ସୃଷ୍ଟି କରିପାରେ। ଏହି ଧାରଣା ପ୍ରଥମେ ଫେବୃଆରୀରେ ବିଏସଏଫ ମହାନିର୍ଦ୍ଦେଶକ ପ୍ରବୀଣ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଉଠାଯାଇଥିଲା। ସେହି ଆଲୋଚନାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ପ୍ରସ୍ତାବିତ ଯୋଜନାର ବ୍ୟବହାରିକ ସମ୍ଭାବ୍ୟତା ମୂଲ୍ୟାଙ୍କନ କରିବା। ସୀମା ବାହିନୀର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ବାହିନୀ ବର୍ତ୍ତମାନ କ୍ଷେତ୍ର କମାଣ୍ଡରମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମତାମତ ବିଶ୍ଳେଷଣ କରୁଛି। ଅନ୍ୟ ଜଣେ ଅଧିକାରୀ ଉଲ୍ଲେଖ କରିଛନ୍ତି ଯେ ଏହି ସୀମାରେ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ବୈଷୟିକ ଉପକରଣ ଏବଂ ନିରୀକ୍ଷଣ ଉପକରଣ ନିୟୋଜିତ କରିବା ସହିତ ଅନ୍ୟାନ୍ୟ ଅନେକ ପ୍ରସ୍ତାବ ରହିଛି।

# କେକେଆର-ପଞ୍ଜାବ କିଙ୍ଗ୍‌ସ ମ୍ୟାଚ୍ ରଦ୍ଦ

ନୂଆଦିଲ୍ଲୀ,୭।୪ : ବର୍ଷା ପାଇଁ ରଦ୍ଦ ହେଲା କେକେଆର-ପିବିକେଏସ୍ ମ୍ୟାଚ୍ । ଐତିହାସିକ ଇଡେନ ଗାର୍ଡେନରେ ଖେଳାଯାଉଥିବା ଏହି ମୁକାବିଲାରେ ବର୍ଷା ସାଜିଥିଲା ବାଧକ । ଆଉଟ୍ ଫିଲ୍ଡ ପାଇଁ ମ୍ୟାଚ୍‌କୁ ରଦ୍ଦ ଘୋଷଣା କରାଯାଇଥିବାବେଳେ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗବଣ୍ଟା ହୋଇଛି । ଏକ ପଏଣ୍ଟ ସହ କୋଲକାତା ଚଳିତ ବର୍ଷ ଖାତା ଖୋଲିଛି । ତିନି ମ୍ୟାଚ୍‌ରୁ ଗୋଟିଏ ଜିତିନାହିଁ କୋଲକାତା ନାଇଟ୍ ରାଇଡର୍ସ । ମାତ୍ର ଏହି ମ୍ୟାଚ୍ ରଦ୍ଦ ହୋଇଥିବାବେଳେ ଗୋଟିଏ ପଏଣ୍ଟ ମିଳିଛି । ସେପଟେ ପଞ୍ଜାବ କିଙ୍ଗ୍ସ ପ୍ରଥମ ଦୁଇ ମ୍ୟାଚ୍‌ରେ ବିଜୟୀ ହୋଇଥିବାବେଳେ ଏହି



ମ୍ୟାଚ୍‌ରେ ପଏଣ୍ଟ ଭାଗରୁ ଏକ ପଏଣ୍ଟ ପାଇଛି । ୫ ପଏଣ୍ଟ ସହ ଟେବୁଲ ଟପ୍ପର ହୋଇଛି ପଞ୍ଜାବ । ସୋମବାର ଇଡେନ ଗାର୍ଡେନରେ ଖେଳାଯାଇଥିବା ମୁକାବିଲାରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା କୋଲକାତା । ବର୍ଷା ହେବା ସୁଦ୍ଧା ଦଳ ୩.୪ ଓଭରରେ ୨୫ ରନ୍ କରିବାରେ ସକ୍ଷମ ହୋଇଛି । ଦଳର ପ୍ରମୁଖ ଦୁଇ ୱିକେଟ୍ ହରାଇଛି ଦଳ । ଫିନ୍ ଆଲେନ୍ ୮ ରନ କରିଥିବାବେଳେ ଗ୍ରୀନ୍ ମାତ୍ର ୪ ରନ୍ କରି ଆଉଟ୍ ହୋଇ ପାଭିଲିୟନ୍ ଫେରିଛନ୍ତି । ରାହାଣେ ଏବଂ ରଘୁବଂଶୀ ଦଳ ପକ୍ଷରୁ ବ୍ୟାଟିଂ ଜାରି ରଖିଥିଲେ ।

# ବିସିସିଆଇ ଉଚ୍ଚ ପ୍ରଦର୍ଶନ ଶିବିରକୁ ଓଡ଼ିଶାର ସମ୍ପ୍ରିତ ବରାଳଙ୍କୁ ଡାକରା

କଟକ, ୦୭/୦୪: ବେଙ୍ଗାଲୁରୁରେ ଥିବା ବିସିସିଆଇର ଉଚ୍ଚ ପ୍ରଦର୍ଶନ କେନ୍ଦ୍ରରେ ଆସନ୍ତା ୧୨ ରୁ ମେ’ ୭ ତାରିଖ ପର୍ଯ୍ୟନ୍ତ ଦେଶର ବିଭିନ୍ନ ଖେଳାଳିଙ୍କୁ ନେଇ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ । ୨୫ ବର୍ଷରୁ କମ୍ ବୟସ ବର୍ଗରେ ଉନ୍ନତ ପ୍ରଦର୍ଶନ କରିଥିବା ଖେଳାଳି ହିଁ ଶିବିରରେ ସାମିଲ ହେବେ । ଏକମାତ୍ର ଓଡିଆ ଭାବେ ସମ୍ପ୍ରିତ ବରାଳଙ୍କୁ ଶିବିରରେ ଯୋଗ ଦେବା ନିମନ୍ତେ ଡାକରା ଆସିଛି ।୨୩ ବର୍ଷୀୟ ସମ୍ପ୍ରିତ ଜଣେ ଅଲରାଉଣ୍ଡର ଭାବେ ଜଣାଶୁଣା । ସେ ରାଜ୍ୟ ଦଳରୁ ୬ଟି ପ୍ରଥମଶ୍ରେଣୀ, ୭ଟି ଲିଷ୍ଟ-ଏ ଏବଂ ୯ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳି ସାରିଛନ୍ତି । ଓଡିଶା କ୍ରିକେଟ ଆସୋସିଏସନ(ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ସମ୍ପାଦକ ସଞ୍ଜୟ ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



# ସଙ୍କଟରେ ଚେନ୍ନାଇ ନେତୃତ୍ୱ

ନୂଆଦିଲ୍ଲୀ,୦୭/୦୪; ଇଣ୍ଡିଆନ ପ୍ରିମିୟର ଲିଗରେ ଚେନ୍ନାଇ ସୁପରକିଙ୍ଗସର ନୂଆ ଅଧିନାୟକ ଋତୁରାଜ ଗାଏକ୍ୱାଡ ଏବେ ନେତୃତ୍ୱ ନେବାରେ ପରିପକ୍ୱ ହୋଇ ନାହାନ୍ତି । ତାଙ୍କ ନେତୃତ୍ୱରେ ଦଳ ଗତ ୨୨ଟି ମ୍ୟାଚ୍‌ରେ ୧୪ ଥର ପରାସ୍ତ ହୋଇଛି । ମାତ୍ର ୮ଟି ଜିତିଛି । ଚଳିତ ସିଜିନରେ ବି ଦଳ ବ୍ୟାକ୍ ଟୁ ବ୍ୟାକ୍ ୩ଟି ମ୍ୟାଚ୍ ହାରି ସାରିଛି । ମନେ ହେଉଛି ଶେଷ ଆଡୁ ଏଥର ବି ଅଭିଯାନ ଶେଷ କରିବ ଚେନ୍ନାଇ । ଜଣେ ନୂଆ ଅଧିନାୟକଙ୍କ ହାତରେ ଟିମ୍ ଖରାପ ପ୍ରଦର୍ଶନ କରିବା କିଛି ନୂଆ କଥା ନୁହେଁ । କିନ୍ତୁ ସଂଖ୍ୟାରେ ଦେଖିଲେ ଚଳିତବର୍ଷ ହ୍ୟାଟ୍ରିକ ପରାଜୟ ୨୨ ମ୍ୟାଚ୍‌ରୁ ୧୪ତମ ପରାଜୟର ସଂଖ୍ୟାକୁ ଦେଖିଲେ ଚେନ୍ନାଇ ନେତୃତ୍ୱରେ କେଉଁଠି ନା କେଉଁଠି ତ୍ରୁଟି ପରିଲକ୍ଷିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏହା ପରେ ଦଳର ପରିଚୟ ହଜିବାକୁ ବସିଲାଣି । ଅନ୍ୟପକ୍ଷରେ ଦେଖିବେ ମହେନ୍ଦ୍ର ସିଂହ ଧୋନିଙ୍କ ନେତୃତ୍ୱରେ ଦଳ ଯେଉଁ ରଣନୀତି ଗ୍ରହଣ କରିଆସିଛି ତାହା ଏବେ ଚେନ୍ନାଇର ଧାରରେ ପଡିଯାଇଛି । ଚଳିତ ସିଜିନରେ ଚେନ୍ନାଇର ଖେଳାଳିଙ୍କୁ ଦେଖିଲେ ସେପରି କିଛି ବିଦେଶୀ ଦଳରେ ନାହାନ୍ତି । ନିଜେ ଅଧିନାୟକ ଋତୁରାଜ ପ୍ରଥମ ୩ଟି ମ୍ୟାଚ୍‌ରେ ୨ ଥର ଶୂନରେ ଆଉଟ୍ ହେବା ଓ ସଞ୍ଜୁ ସାମସନ ୩ଟି ଯାକ ମ୍ୟାଚ୍‌ରେ ବଡ ସ୍କୋର କରି ନପାରିବା ଦଳର ରଣନୀତିକୁ ପ୍ରଭାବିତ କରିଛି । ଯେଉଁ ପ୍ରତିଭା ଅଛନ୍ତି ତାଙ୍କୁ ଧୋନିଙ୍କ ପରି କାମରେ ଲଗାଇବା ଋତୁରାଜ ସମର୍ଥ ହେଉନାହାନ୍ତି। ଏମିତିର ଗାଏକ୍ୱାଡ ବିଫଳ ହେଲେ ତାଙ୍କ ସ୍ଥାନ ସଙ୍କଟରେ ପଡିବ । ତାଙ୍କ ସ୍ଥାନରେ ସଞ୍ଜୁଙ୍କୁ ନେତୃତ୍ୱ ମିଳିପାରେ । ହେଲେ ଫ୍ରାଞ୍ଚାଇଜର ଏପରି ନିଷ୍ପତ୍ତି ନେବାରେ ବିଳମ୍ବ ହୋଇପାରେ ।

# ମୋହସିନ ନକ୍‌ଭୀଙ୍କ ମୁହଁଟାଣ

## ପିଏସଏଲ୍ ହେବ ନମ୍ବର ୱାନ୍ ଲିଗ୍

ଲାହୋର,୭/୪: ପାକିସ୍ତାନ କ୍ରିକେଟ୍ ଲିଗ୍ (ପିଏସଏଲ୍) ଚଳିତ ବର୍ଷ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାବେଳେ ପିସିବି ମୁଖ୍ୟ ମୋହସିନ ନକ୍‌ଭୀ ନିଜର ମୁହଁଟାଣ ଛାଡୁନାହାନ୍ତି। ସେ କହିଛନ୍ତି ଯେ ପିଏସ୍ଏଲ୍ ପ୍ରତି ନିବେଶକଙ୍କ ଆକର୍ଷଣ ବଢୁଛି। ଆଗାମୀ ଦିନରେ ଏହା ବିଶ୍ୱର ନଂ୧ କ୍ରିକେଟ୍ ଲିଗ୍ ହୋଇଯିବ।ପିସିବିର ବୋର୍ଡ ଅଫ ଗଭର୍ଣ୍ଣର୍ସଙ୍କୁ ସମ୍ବୋଧନ କରି ସେ କହିଛନ୍ତି ଯେ ପିଏସଏଲ୍ ଏକ ଆକର୍ଷଣୀୟ ନିବେଶ ବଜାରରେ ପରିଣତ ହୋଇଛି। ଏହା ପାକିସ୍ତାନର କ୍ରିକେଟ୍ ପରିବେଶ ପ୍ରତି ନିବେଶକଙ୍କ ଭରସାକୁ ଦର୍ଶାଉଛି। ଏଣୁ ଆଗାମୀ ଦିନରେ ପିଏସଏଲ୍‌ର ଆହୁରି ଅଭିବୃଦ୍ଧି ହେବ ଓ ସେଦିନ ଦୂର ନାହିଁ ଯେତେବେଳେ ଏହା ବିଶ୍ୱର ନଂ୧ କ୍ରିକେଟ୍ ଲିଗ୍‌ରେ ପରିଣତ ହେବ। ଉଲ୍ଲେଖଯୋଗ୍ୟ ଯେ, ସୁରକ୍ଷା ଚିନ୍ତା ଓ ତୈଳ ସମସ୍ୟା ଯୋଗୁଁ ଚଳିତ ଋତୁରେ ପିଏସଏଲ୍ କେବଳ ଦୁଇଟି ସ୍ଥାନ- ଲାହୋର ଓ କରାଚୀରେ ଅନୁଷ୍ଠିତ ହେଉଛି। ସେହିପରି ପିଏସ୍ଏଲ୍ ପାଇଁ ଚୁକ୍ତିବଦ୍ଧ କେତେକ ବିଦେଶୀ ଖେଳାଳି ଶେଷ ମୁହୂର୍ତ୍ତରେ ଓହରି ଆଇପିଏଲ୍‌କୁ ଅଗ୍ରାଧିକାର ଦେଇଥିଲେ। ଆହୁରି ମଧ୍ୟ ଫକର ଜମାନ ବଲ୍ ଟ୍ୟାମ୍ପରିଂ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ଦଳୀୟ ହୋଟେଲ୍‌ର ସୁରକ୍ଷା ଭଙ୍ଗ ଅଭିଯୋଗରେ ଦ୍ରୁତ ବୋଲର୍ ଶାହିଦ୍ ଆଫ୍ରିଦି ଓ ଜିମ୍ବାୱେ ଖେଳାଳି ସିକନ୍ଦର ରାଜାଙ୍କ ଉପରେ ଜରିମାନା ଲଗାଯାଇଥିଲା।

# ବାଳିକାରେ ଓଡିଶା, ବାଳକରେ ବିହାର ବିଜେତା

ଭୁବନେଶ୍ୱର,୭।୪: ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ରଗବି ପ୍ରତିଯୋଗିତାର ବାଳିକାରେ ଓଡିଶା ବିଜେତା ହୋଇଥିଲା ବେଳେ ବାଳକରେ ବିହାର ବାଜି ମାରି ଦେଇଛି। ମଙ୍ଗଳବାର ଶେଷ ହୋଇଥିବା ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଓଡ଼ିଶା ଖେଳାଳିମାନେ ପ୍ରଭାବଶାଳୀ ପ୍ରଦର୍ଶନ କରି ଟ୍ରଫି ଜିତି ନେଇଛନ୍ତି।




ଏହି ବର୍ଗରେ ବିହାର ଉପବିଜେତା ହୋଇଥିବା ବେଳେ ମହାରାଷ୍ଟ୍ର ଓ ଦିଲ୍ଲୀ ଯଥାକ୍ରମେ ତୃତୀୟ ଏବଂ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି।

ସେହିଭଳି ୧୭ ବର୍ଷରୁ କମ୍ ବାଳକ ବର୍ଗରେ, ଓଡ଼ିଶା ବିପକ୍ଷରେ ଫାଇନାଲରେ ଜବରଦସ୍ତ ପ୍ରଦର୍ଶନ କରି ବିହାର ଟ୍ରଫି ଜିତି ନେଇଛି। ଏହି ବର୍ଗରେ ଆୟୋଜିତ ଓଡିଶା ଉପବିଜେତା ଏବଂ ମହାରାଷ୍ଟ୍ର ଓ ରାଜସ୍ଥାନ ଯଥାକ୍ରମେ ତୃତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି ।ଉଦ୍‌ଯାପନୀ ସମାରୋହରେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଡ. ଯେଦୁଲା ବିଜୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଥିଲେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କରକରା, ସହକାରୀ ନିର୍ଦ୍ଦେଶକ (ପି.ଇ.ଟି)ଜ୍ୟୋତି ପ୍ରସାଦ ପରିଡ଼ା, ପ୍ରତିଯୋଗିତା ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ ପ୍ରମୁଖ।

ଏହି ଅବସରରେ ଶ୍ରୀ ବିଜୟ ଖେଳାଳିମାନଙ୍କୁ ସେମାନଙ୍କର ସମର୍ପଣ, ଶୃଙ୍ଖଳା ଏବଂ କ୍ରୀଡା ମନୋଭାବ ପାଇଁ ପ୍ରଶଂସା କରିଥିଲେ। ତା’ ସହିତ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ କରକରା ନିଜ ସ୍ୱାଗତ ଅଭିଭାଷଣରେ ବ୍ୟକ୍ତିତ୍ୱ ଗଠନରେ ବିଦ୍ୟାଳୟ କ୍ରୀଡାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ ଯେ ଆସନ୍ତା ୯ ଓ ୧୦ ତାରିଖ ଦୁଇ ଦିନ ଧରି କଳିଙ୍ଗ ଷ୍ଟାଡିୟମ୍‌ରେ ଏହି ପ୍ରତିଯୋଗିତାର ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗ ଇଭେଣ୍ଟ ଅନୁଷ୍ଠିତ ହେବ।

ଏଥିସହ ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡ଼ା ଏନ୍. ତିରୁମାଲା ନାୟକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କରକରା, ସହକାରୀ ନିର୍ଦ୍ଦେଶକ (ପି.ଇ.ଟି) ଜ୍ୟୋତି ପ୍ରସାଦ ପରିଡା, ଏସଜିଏଫଆଇ ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ, ଅନ୍ତର୍ଜାତୀୟ ରଗବି ଖେଳାଳୀ ଡୁମୁଣୀ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଚାମ୍ପିଅନସିପ ଏପ୍ରିଲ ୬ ରୁ ୧୦ ତାରିଖ ଯାଏଁ ଆୟୋଜିତ ହେବ ।

ଉଦଘାଟନୀ ସମାରୋହରେ ଯୋଗ ଦେଇ ମୁଖ୍ୟ ଅତିଥି କମିଶନର ତଥା ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ଖେଳୁଆଡ ମନୋଭାବ ନେଇ ଖେଳିବା ଏବଂ ରାଜ୍ୟ ତଥା ଦେଶକୁ ଅନ୍ତର୍ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିବାକୁ ଯୁବ ଖେଳାଳୀମାନଙ୍କୁ ଆହ୍ୱାନ କରିଥିଲେ । ଏସଜିଏଫଆଇ ପର୍ଯ୍ୟବେକ୍ଷକ ଶ୍ରୀ ଯାଦବ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ସାଧୁବାଦ ଜଣାଇଥିଲେ । କଳିଙ୍ଗ ଷ୍ଟାଡିୟମ ଭଳି ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଚାମ୍ପିଅନସିପର ଆୟୋଜନ ନିମନ୍ତେ ସେ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ୍ ଜଣାଇବା ସହ ଆଗକୁ ଅନ୍ତର୍ଜାତୀୟସ୍ତରର ଖେଳ ଓଡିଶାରେ ଆୟୋଜନ କରିବେ ବୋଲି ଇଚ୍ଛାପ୍ରକାଶ କରିଥିଲେ । ସେହିପରି ଅନ୍ତର୍ଜାତୀୟ ରଗବି ଖେଳାଳୀ ଡୁମୁଣୀ ମାରାଣ୍ଡି ନିଜ ଅନୁଭୂତି ବାଣ୍ଟିଥିଲେ । ଏପ୍ରିଲ ୬ ଓ ୭ ତାରିଖ ରେ ୧୭ ବର୍ଷରୁ କମ୍ ବାଳକ ଓ ବାଳିକାମାନଙ୍କୁ ନେଇ ରଗବୀ ଚାମ୍ପିଅନସିପ୍ ଆୟୋଜିତ ହେଉଥିବା ବେଳେ ଏପ୍ରିଲ ୯ ଓ ୧୦ ତାରିଖରେ ୧୪ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକାମାନଙ୍କୁ ନେଇ ଆୟୋଜିତ ହେବ । ଏହି ଚାମ୍ପିଅନସିପ୍ ରେ ୧୫ ଟି ରାଜ୍ୟର ଖେଳାଳୀ ଭାଗ ନେଇଛନ୍ତି । ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ, ନୂଆଦିଲ୍ଲୀ, ଗୁଜୁରାଟ, ଜାମ୍ମୁ ଓ କାଶ୍ମୀର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡିଶା, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ସିବିଏସଇ ୱେଲଫେୟାର ସ୍ପୋର୍ଟ୍ସ ଅର୍ଗାନାଇଜେସନ୍, କାଉନସିଲ୍ ଫର୍ ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ପକ୍ଷରୁ ପ୍ରାୟ ୪୬୦ ଜଣ ଅଂଶଗ୍ରହଣ କରିଛନ୍ତି ।

# କିକ୍ ବକ୍ସିଂରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ




ପଟ୍ଟାମୁଣ୍ଡାଇ,୭/୪- ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଣ୍ଡପଡା- ବାଛରା ୟୁପି ସ୍କୁଲ ଓ ଭଜନେଶ୍ୱର ହାଇସ୍କୁଲର ଛାତ୍ର ଛାତ୍ରୀମାନେ ଗତ ୩ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଇଣ୍ଟର ସ୍କୁଲ କିକ ବକ୍ସିଂ ପ୍ରତିଯୋଗିତାରେ ୪ ଟି ସ୍ୱର୍ଣ୍ଣ,୪ଟି ରୋପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ଜିତି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏଇ ଅବସରରେ ପ୍ରଧାନଶିକ୍ଷକ ଗୋଲକ ବିହାରୀ ଭୂୟାଁଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କିକ ବକ୍ସିଂ ଶାଖା ସଭାପତି ପୂର୍ବତନ ସରପଞ୍ଚ ସୁଧାଂଶୁ ଶେଖର ସାମଲ, ସମ୍ପାଦକ ସୁଶୀଳ ସାମଲ ୟୁପି ସ୍କୁଲ ପ୍ରଧାନଶିକ୍ଷକ ଅମରେନ୍ଦ୍ର କୁମାର ଜେନା, ରୋହିତ କୁମାର ସ୍ୱାଇଁ, ତରୁଣ କୁମାର ଜେନା ସଂଗୀତା ମଲ୍ଲିକ, ଜୟଶ୍ରୀ ଦାସ ନିରୋଦ ନଳିନୀ ମହାନ୍ତି ଓ ଅକ୍ଷୟ କୁମାର ଦାସ ପ୍ରମୁଖ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇ କୃତି ଛାତ୍ର ଛାତ୍ରୀ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ଅମ୍ପାୟରଙ୍କୁ ହତ୍ୟା

ଅମରାବତି,୭ ।୪: ଆଜିକାଲି ଦେଶରେ ଆଇପିଏଲ୍୨୦୨୬ର ରୋମାଞ୍ଚ ଦେଖିବାକୁ ମିଳୁଛି। ଏହି ସମୟରେ ଆନ୍ଧ୍ର ପ୍ରଦେଶରୁ ଜଣେ କ୍ରିକେଟ ଅମ୍ପାୟାରଙ୍କ ହତ୍ୟା ସହିତ ଜଡିତ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏହି ଘଟଣାଟି ବିଶାଖାପାଟଣାରେ ଘଟିଛି। ଏକ ସ୍ଥାନୀୟ ସ୍ତରୀୟ କ୍ରିକେଟ ମ୍ୟାଚ୍ ଖେଳାଯାଉଥିଲା। ମ୍ୟାଚ୍ ସମୟରେ ଏକ ରନ-ଆଉଟ ନିଷ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଯାହାର ପରିଣାମ ସ୍ୱରୂପ ଜଣେ ୨୧ ବର୍ଷୀୟ ଅମ୍ପାୟାରଙ୍କ ଉପରେ ଛୁରି ମାଡ଼ ହୋଇଥିଲା ।ରବିବାର ଖେଳାଯାଇଥିବା ଏକ କ୍ରିକେଟ ମ୍ୟାଚ୍ ସମୟରେ ଏହି ଘଟଣା ଘଟିଥିଲା। ୨୧ ବର୍ଷୀୟ ଡୋଲା ଅଜିତ୍ ବାବୁ ତାଙ୍କ ବନ୍ଧୁ ବୁଦୁମୁରି ଚିରଞ୍ଜିବୀଙ୍କ ସହିତ ଅମ୍ପାୟାର ଭାବରେ କାର୍ଯ୍ୟ କରୁଥିଲେ। ପରେ ଏକ ରନ-ଆଉଟ କଲ ପାଇଁ ଖେଳାଳିମାନଙ୍କ ମଧ୍ୟରେ ଏକ ଯୁକ୍ତିତର୍କ ଆରମ୍ଭ ହୋଇଥିଲା ।ମାମଲାର ତଦନ୍ତ କରୁଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ମଲ୍ଲେଶ୍ୱର ରାଓ କହିଛନ୍ତି ଯେ, ଅଜିତ ବାବୁ ଏବଂ ଚିରଞ୍ଜିବୀ ପରିସ୍ଥିତିକୁ ମଧ୍ୟସ୍ଥତା କରିବା ପାଇଁ ହସ୍ତକ୍ଷେପ କରିଥିଲେ ଏବଂ ସଫଳତାର ସହିତ ଜିନିଷଗୁଡ଼ିକୁ ଶାନ୍ତ କରିଥିଲେ।

# ସୁଟିଂ ବିଶ୍ୱକପ୍: ସ୍ୱର୍ଣ୍ଣ ସହ ପଲକ-ମୁକେଶଙ୍କ ବିଶ୍ୱ କୀର୍ତ୍ତିମାନ



ଗ୍ରାନାଡା ୭/୪ : ଭାରତୀୟ ସୁଟର ପଲକ୍ ଓ ମୁକେଶ ନୀଲାବଲ୍ଲୀ ସୁଟିଂ ବିଶ୍ୱକପରେ ସ୍ୱର୍ଣ୍ଣ ଜିତିବା ସହ ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେମାନେ ମିଶ୍ରିତ ଦଳଗତ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମୋଟ ୪୮୭.୭ ପଏଣ୍ଟ ସହ ଏହି ସଫଳତା ହାସଲ କରିଛନ୍ତି। ଫାଇନାଲ୍‌ରେ ପଲକ ୨୪୩.୦ ଓ ମୁକେଶ ୨୪୪.୭ ପଏଣ୍ଟ୍ ହାସଲ କରି ପ୍ରଥମ ସ୍ଥାନରେ ରହିବା ସହ କନିଷ୍ଠ ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଥିଲେ। ଚୀନର କ୍ୱିଆନସୁନ ୟାଓ ଓ କାଇ ହୁ ୪୮୪.୮ ପଏଣ୍ଟ ସହ ରୌପ୍ୟ ଓ ହଙ୍ଗେରୀରେ ଭେରୋନିକା ମେଜର ଓ ଆକୋସ୍ କାରୋଲି ନାଗି ୪୧୯.୯ ପଏଣ୍ଟ୍ ସହ କାଂସ୍ୟ ହାସଲ କରିଥିଲେ।

# ବିସିବିରେ ନେତୃତ୍ୱ ପରିବର୍ତ୍ତନ

## ଅମିନୁଲ ବିତାଡିତ, ଅସ୍ଥାୟୀ କମିଟିକୁ ପରିଚାଳନା ଭାର

ଢାକା,୭।୪: ବାଂଲାଦେଶ କ୍ରିକେଟ୍‌ରେ ବଡଧରଣର ଅଦଳ ବଦଳ ହୋଇଛି। ସେଠାକାର ଜାତୀୟ କ୍ରୀଡା ପରିଷଦ (ଏନ୍ଏସ୍‌ସି) ବାଂଲାଦେଶ କ୍ରିକେଟ୍ ବୋର୍ଡକୁ ଭାଙ୍ଗି ଦେଇଛି। ଫଳରେ ସଭାପତି ଅମିନୁଲ ହକ୍ ତାଙ୍କ ପଦ ହରାଇଛନ୍ତି। ସେହିଭଳି ବାଂଲାଦେଶରେ କ୍ରିକେଟ୍‌ର ପରିଚାଳନା ଲାଗି ଏନ୍ଏସ୍‌ସି ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର୍ ତମିମ ଇକବାଲ୍‌ଙ୍କ ଅଧ୍ୟକ୍ଷତାରେ ଏକ ଅସ୍ଥାୟୀ ସମିତି ଗଠନ କରିଛି।

ସେହିଭଳି ଏହି ଅସ୍ଥାୟୀ ସମିତିର ପ୍ରତ୍ୟକ୍ଷ ନିରୀକ୍ଷଣ ଓ ତତ୍ତ୍ୱାବଧାନରେ ଆଗାମୀ ୯୦ ଦିନ ଭିତରେ ବାଂଲାଦେଶ କ୍ରିକେଟ୍ ବୋର୍ଡର ସାନି ନିର୍ବାଚନ କରାଯିବ ବୋଲି ସ୍ପଷ୍ଟ ନିର୍ଦ୍ଦେଶ କରିଛି।




ଅମିନୁଲ ବିଦା ହେବା ପରେ ବିସିସିଆଇ ସହ ବାଂଲାଦେଶ କ୍ରିକେଟ୍ ବୋର୍ଡର ସଂପର୍କ ପୂର୍ବ ସ୍ଥିତିକୁ ଫେରିବ ବୋଲି ଆଶା କରାଯାଇଛି। କାରଣ ତାଙ୍କ କାର୍ଯକାଳରେ ବାଂଲାଦେଶ ଜାତୀୟ କ୍ରିକେଟ୍ ଦଳ ଭାରତରେ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ମନା କରି ଦେଇଥିଲା। ଶେଷରେ ଆଇସିସି ଏଥିନେଇ କଠୋର ପଦକ୍ଷେପ ନେବା ସହ ବାଂଲାଦେଶକୁ ହିଁ ବିଶ୍ୱକପ୍‌ରୁ ବାହାର କରି ଦେଇଥିଲା। ଯାହାକୁ ନେଇ ବାଂଲାଦେଶ କ୍ରିକେଟ୍ ବୋର୍ଡରେ ଅନ୍ତଃକନ୍ଦଳ ଆରମ୍ଭ ହୋଇଯାଇଥିଲା।

ତମିମ ଏହି ନିଷ୍ପତ୍ତିକୁ ଖୋଲା ବିରୋଧ କରିବା ସହ ଭାରତ ସହ ସଂପର୍କ ଖରାପ ନକରିବାକୁ ପରାମର୍ଶ ଦେଇଥିଲେ। ଏଥିନେଇ ତାଙ୍କୁ ବିସିବିର ତତ୍କାଳୀନ ନିର୍ଦ୍ଦେଶକମାନେ ଦେଶଦ୍ରୋହୀର ଆଖ୍ୟା ଦେବା ସହ ଭାରତର ଏଜେଣ୍ଟ ଭାବେ ଅଭିହିତ କରିଥିଲେ। ହେଲେ ବାଂଲାଦେଶରେ ସରକାର ପରିବର୍ତ୍ତନ ସହ ଅମିନୁଲଙ୍କ ଖରାପ ବେଳା ଆରମ୍ଭ ହୋଇଯାଇଥିଲା। ନୂଆ ସରକାର ବାଂଲାଦେଶ କ୍ରିକେଟ୍ ବୋର୍ଡର ନିର୍ବାଚନର ବୈଧତା ନେଇ ପ୍ରଶ୍ନ ଉଠାଇଥିଲା। ସେହିଭଳି ବୋର୍ଡରେ ହୋଇଥିବା ଦୁର୍ନୀତି ଓ ଆର୍ଥିକ ଅନିୟମିତତାର ତଦନ୍ତ ଆରମ୍ଭ କରି ଦେଇଥିଲେ।

ଏହା ପରେ ୨୪ଜଣ ନିର୍ଦ୍ଦେଶକଙ୍କ ମଧ୍ୟରୁ ୭ଜଣ ନିଜ ପଦ ଛାଡି ଦେଇଥିଲେ। ଅମିନୁଲ ନିଜେ ବିଭିନ୍ନ ଅଳ ଦେଖାଇ ତଦନ୍ତ କମିଟି ସମ୍ମୁଖରେ ହାଜର ହୋଇ ନଥିଲେ। ଏହା ପରେ ଏନ୍ଏସ୍‌ସି ମାମଲାରେ ହସ୍ତକ୍ଷେପ କରିବା ସହ ତାଙ୍କୁ ବାଂଲାଦେଶ କ୍ରିକେଟ୍ ବୋର୍ଡର ସଭାପତି ପଦରୁ ବାହାର କରି ଦେଇଛି। ତମିମଙ୍କ ଅଧ୍ୟକ୍ଷତାରେ ୧୧ଜଣିଆ କମିଟି। ବାଂଲାଦେଶରେ କ୍ରିକେଟ୍‌ର ପରିଚାଳନା ଲାଗି ସେଠାକାର ଜାତୀୟ କ୍ରୀଡା ପରିଷଦ ଗଠନ କରିଥିବା ଅସ୍ଥାୟୀ କମିଟିର ୧୧ଜଣ ସଦସ୍ୟ ରହିଛନ୍ତି। ପୂର୍ବତନ ଓପନର୍ ତଥା ଅଧିନାୟକ ତମିମ ଇକବାଲ୍ ଏହାର ଅଧ୍ୟକ୍ଷ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଥର ଅଲୀ ଖାନ, ରଶନା ଇମାମ, ମିର୍ଜା ୟାସିର ଆବାସ, ସଇଦ ଇବ୍ରାହିମ ଅହମ, ମିନହଜୁଲଲ୍‌ଆବେଦିନ ନାନ୍ନୁ, ଇସ୍ରାଫିଲ ଖୁସ୍‌ରୋ, ତଞ୍ଜିମ ଚୌଧୁରୀ, ସଲମାନ ଇସ୍ପାହାନୀ, ରଫିକୁଲ ଇସଲାମ ଓ ଫହିମ ସିହ୍ନା ଏହାର ସଦସ୍ୟ ଅଛନ୍ତି।

# ବିସିସିଆଇ ଓ ଆଇପିଏଲ ଟିମକୁ ପ୍ରତି ବର୍ଷ ହେଉଛି ୨୪୦୦ କୋଟିର କ୍ଷତି

ନୂଆଦିଲ୍ଲୀ୭।୪: ଆଇପିଏଲର ପୂର୍ବତନ କମିଶନର ଲଳିତ ମୋଦୀ ବିଶ୍ୱର ସବୁଠୁ ଲୋକପ୍ରିୟ ଏହି ଟି-୨୦ ଲିଗକୁ ନେଇ ବଡ ଦାବି କରିଛନ୍ତି । ଆଇପିଏଲର ଫାଦର କୁହାଯାଉଥିବା ଲଳିତ ମୋଦୀଙ୍କ କହିବା କଥା ବିସିସିଆଇ ନିଜର ଗୋଟିଏ ଭୁଲ୍ ପାଇଁ ଆଇପିଏଲରେ ବର୍ଷକୁ ୧୨୦୦ କୋଟିର କ୍ଷତି ସହୁଛି । ଏହା ପଛର କାରଣ ମଧ୍ୟ କହିଛନ୍ତି ଲଳିତ ମୋଦୀ । ତାଙ୍କ କହିବା କଥା ବିସିସିଆଇ ଆରମ୍ଭରେ ସ୍ଥିର କରିଥିବା ଫର୍ମାଟର ପାଳନ କରୁନି । ସେ ଚାହାନ୍ତି ବୋର୍ଡ ଏହି କ୍ଷତିର ଭରଣା ପାଇଁ ସଂପୂର୍ଣ୍ଣ ଭାବେ ହୋମ ଆଣ୍ଡ ଆୱେ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରୁ । ସେ ଏହାକୁ ନେଇ ଖୁସି ପ୍ରକାଶ କରିଛନ୍ତି ଯେ, ଆରସିବି ଓ ଆରଆର ପ୍ରାୟ ୩୧ ହଜାର କୋଟିରେ ବିକ୍ରି ହୋଇଛନ୍ତି ।ଲଳିତ ମୋଦୀଙ୍କ ଅନୁଯାୟୀ, ଆରମ୍ଭରେ ପ୍ରତ୍ୟେକ ଟିମ ପରସ୍ପର ବିରୋଧରେ ୨ଟି ମ୍ୟାଚ୍ ଖେଳିବାର ଥିଲା । ୨୦୨୨ରେ ୧୦ ଟିମ୍ ବଢାଯିବା ସହ ଏହି ଢାଞ୍ଚା ହିସାବରେ ୯୦ଟି ଲିଗ୍ ମ୍ୟାଚ୍ ଆୟୋଜନ ହେବାର ଥିଲା । ଏହା ପରେ ଚାରୋଟି ନକଆଉଟ୍ ମ୍ୟାଚ୍ ରହିଛି । ହେଲେ ଆଇପିଏଲ ହୋମ ଆଣ୍ଡ ଆୱେ ସିଷ୍ଟମରେ ପରିବର୍ତ୍ତନ କରି କେବଳ ୭୪ଟି ମ୍ୟାଚ୍ ସହିତ ଲିଗ୍ ପର୍ଯ୍ୟାୟ ଜାରି ରଖିଛି । ଏଥିରେ ଦଳଗୁଡିକୁ ୭ଟି ମ୍ୟାଚ୍ ଘରୋଇ ଗ୍ରାଉଣ୍ଡ ଏବଂ ୭ଟି ମ୍ୟାଚ୍ ବାହାର ଗ୍ରାଉଣ୍ଡରେ ଖେଳିବାକୁ ମିଳୁଛି । ସେ ଷ୍ଟାରସ୍ପୋର୍ଟ୍ସକୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି ଯେ, ପ୍ରତି ମ୍ୟାଚ୍ ପାଇଁ ବିସିସିଆଇକୁ ୫୦ ପ୍ରତିଶତ ମିଳିଥାଏ ଏବଂ ବାକି ୫୦ ପ୍ରତିଶତ ଟିମଗୁଡିକ ମଧ୍ୟରେ ବାଣ୍ଟି ଦିଆଯାଏ । ଫଳସ୍ୱରୂପ ଟିମଗୁଡିକ ଏବେ ୨୦ ମ୍ୟାଚ୍ ମିସ୍ କରୁଛନ୍ତି । ଯଦି କ୍ୟାଲେଣ୍ଡରରେ ଜାଗା ନାହିଁ ତେବେ ଟିମ୍ ସଂଖ୍ୟା ବଢାଇବା ଉଚିତ୍ ନ ଥିଲା । ସେହି ହିସାବରେ ବିସିସିଆଇ ଓ ଆଇପିଏଲ୍ ଟିମ ଗୁଡିକୁ ୨୦ଟି ମ୍ୟାଚ୍‌ରୁ ୨୪୦୦ କୋଟି ଟଙ୍କାର କ୍ଷତି ସହୁଛନ୍ତି । ସେ ସମୀକରଣ ଦେଇ ବୁଝାଇ କହିଛନ୍ତି ଯେ, ଯଦି ଆଜି ହୋମ ଆଣ୍ଡ ଆୱେ ଆଧାରରେ ୯୪ ମ୍ୟାଚ୍ ହୋଇଥାନ୍ତା ଏବଂ ପ୍ରତିଟି ମ୍ୟାଚ୍ ପାଇଁ ୧୧୮ କୋଟି ଟଙ୍କା ମିଳିଥାନ୍ତା । ଏଥିରେ କେବଳ ମିଡିଆ ରାଇଟସ ମୂଲ୍ୟ ୨୪୦୦ କୋଟି ରହିଥାନ୍ତା । ଏହା ବିସିସିଆଇ ପାଇଁ ୨୪୦୦ କୋଟିର ଅତିରିକ୍ତ ଆୟ ହୋଇଥାନ୍ତା । ଏଥିରୁ ୧୨୦୦ କୋଟି ୧୦ଟି ଟିମକୁ ମିଳିଥାନ୍ତା ଏବଂ ପ୍ରତି ଟିମକୁ ୧୨୦ କୋଟି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ